ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Vol.26 . No.308 Bhubaneswar Wednesday January 24 2024 | ୨୬ତମ ବର୍ଷ ସଂଖ୍ୟା-୩୦୮ ଭୁବନେଶ୍ୱର ବୁଧବାର, ଜାନୁଆରୀ ୨୪, ୨୦୨୪ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

## ବିଜେଡି ପୋଷ୍ଟରରେ ବିଜୁବାବୁଙ୍କ ସ୍ଥାନ ହାଇଜାକ୍ କଲେଣି ପାଣ୍ଡିଆନ: ପିସିସି ପ୍ରଭାରୀ

ଭୁବନେଶ୍ୱର,୨୩।୧(ପି.ଏନ): ବିଜୁବାବୁଙ୍କ ନାଁରେ ଗଢ଼ା ଯାଇଥିବା ଦଳ ବିଜେଡିର ପୋଷ୍ଟରରୁ ଏବେ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ର ଗାଏବ ହୋଇଗଲାଣି । ପ୍ରଶାସକରୁ ରାଜନେତା ପାଲଟିଥିବା ଭିକେ ପାଣ୍ଡିଆନ ଏବେ ସେହି ସ୍ଥାନକୁ ହାଇଜାକ୍ କରିନେଲେଣି । ବିଜେଡି ପୋଷ୍ଟରରେ ଏବେ ବିଜୁବାବୁଙ୍କ ଫଟୋ ବଦଳରେ ପାଣ୍ଡିଆନଙ୍କ ଫଟୋ ଲାଗୁଛି । ଆଉ କିଛିଦିନ ପରେ ଯଦି ନବୀନ ପଟ୍ଟନାୟକଙ୍କ ଫଟୋ ବି ବିଜେଡି ପୋଷ୍ଟରରୁ ଗାଏବ ହୋଇଯିବ । ଆଜି ଏମିତି କିଛି ଢଙ୍ଗରେ ବିଜେଡିର ଦ୍ୱିତୀୟ ସର୍ବ ?ସର୍ବା ଭିକେ ପାଣ୍ଡିଆନଙ୍କୁ ଟାର୍ଗେଟ୍ କରିଛନ୍ତି କଂଗ୍ରେସର ଓଡିଶା ପ୍ରଭାରୀ ଅଜୟ କୁମାର ।ଆଜି ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପିସିସି ପ୍ରଭାରୀ ଅଜୟ କୁମାର କଡା ଭାଷାରେ ବିଜେଡିକୁ କଟାକ୍ଷ କରି କହିଛନ୍ତି ଯେ, ଦିବଂଗତ ବିଜୁବାବୁଙ୍କୁ ଓଡିଶାବାସୀ ସମ୍ମାନ ଓ ଭଲପାଆନ୍ତି । ବିଜେଡି ପୋଷ୍ଟରରୁ ବିଜୁବାବୁଙ୍କ ହଟାଇ ଦିଆଯିବା ଓଡିଆ ଅସ୍ମିତା ପ୍ରତି କୁଠାରଘାତ । ଯଦି ବିଜୁବାବୁଙ୍କ ଫଟୋକୁ ବିଜେଡି ପୋଷ୍ଟରରୁ ହଟାଇ ଦିଆଯାଉଛି ତା'ହେଲେ ଓଡିଆ ଅସ୍ମିତା କେଉଁଠି ଅଛି । ଓଡିଶା କେବଳ ଓଡିଆଙ୍କର ।



ଆମେ ବିରୋଧୀ ଦଳରେ ଥାଇ ବି ବିଜୁବାବୁଙ୍କ ପ୍ରତି ସମ୍ମାନବୋଧ ରହିଛି । ବିଜୁବାବୁଙ୍କ ଫଟୋକୁ ହଟାଯିବା ଆମକୁ ବି ଆଘାତ ଦେଇଛି । ବିଜୁବାବୁ ଓଡିଶା ସୁଯୋଗ୍ୟ ସନ୍ତାନ । ସେହି ମହାନ ନେତାଙ୍କୁ ବ୍ୟକ୍ତିଗତ ଭାବେ ଭେଟିବାର ସୁଯୋଗ ସେ ଥରେ ପାଇଛନ୍ତି । ପାଟନାରେ ବିରୋଧୀ ଦଳଗୁଡିକର ରାଲିରେ ସେ ବିଜୁବାବୁଙ୍କୁ ଭେଟିଥିଲେ ବୋଲି ଶ୍ରୀ କୁମାର କହିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ, ଗତ କିଛିଦିନ ମଧ୍ୟରେ ସେ ଓଡିଶାରେ ପ୍ରାୟ ୧୧୦୦କିମି ବୁଲିଲେଣି । ବିଜୁବାବୁଙ୍କ ଫଟୋ ବିଜେଡି ପୋଷ୍ଟରରୁ ବାଦ୍ ଦିଆଯାଇ ପାଣ୍ଡିଆନଙ୍କ ଫଟୋ ଲାଗିଥିବାର ସ୍ଥିତି ଚାରିଆଡ ଦେଖିବାକୁ ମିଳିଲା । ଯଦି ଆଗାମୀ ଦିନରେ ବିଜେଡି ସଭାପତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଫଟୋ ବଦଳରେ କେବଳ ପାଣ୍ଡିଆନଙ୍କ ଫଟୋ ବିଜେଡି ପୋଷ୍ଟରରେ ରୁହେ ତାହା ତାଙ୍କୁ ଆଶ୍ଚର୍ଯ୍ୟ କରିବ ନାହିଁ ବୋଲି ସେ କଟାକ୍ଷ କରିଛନ୍ତି ।

## କର୍ପୂରୀ ଠାକୁରଙ୍କୁ ମିଳିବ ଭାରତ ରତ୍ନ

ଭୁବନେଶ୍ୱର,୨୩।୧(ପି.ଏନ): ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ କର୍ପୂରୀ ଠାକୁରଙ୍କୁ ପ୍ରଦାନ କରାଯିବ 'ଭାରତ ରତ୍ନ' ସମ୍ମାନ। ମରଣୋତ୍ତର ଭାବେ ତାଙ୍କୁ ମିଳିବ ଦେଶର ଏହି ସର୍ବୋଚ୍ଚ ବେସାମରିକ ସମ୍ମାନ। ମୃତ୍ୟୁର ୩୫ ବର୍ଷ ପରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଉଛି। ଆସନ୍ତାକାଲି କର୍ପୂରୀ ଠାକୁରଙ୍କ ଜୟନ୍ତୀ ଥିବା ବେଳେ ଆଜି ସନ୍ଧ୍ୟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପକ୍ଷରୁ କରାଯାଇଛି ଏହି ଘୋଷଣା।୧୯୨୪ ମସିହା ଜାନୁଆରୀ ୨୪ ତାରିଖରେ ବିହାରର ପିତୌଞ୍ଜିଆ ଗାଁରେ ଜନ୍ମ ହୋଇଥିଲେ। ଏହି ଗାଁଟି ଏବେ କର୍ପୂରୀ ଗ୍ରାମ ଭାବେ ଜଣାଶୁଣା। ୧୯୮୮ ମସିହା ଫେବ୍ରୁଆରୀ ୧୭ ତାରିଖରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିବା କର୍ପୂରୀ ଠାକୁର 'ଜନ ନାୟକ' ଭାବେ ଜଣାଶୁଣା ଥିଲେ। ସେ ପଛୁଆ ବର୍ଗ ଲୋକଙ୍କ ଉନ୍ନତି ପାଇଁ ତାଙ୍କ ଜୀବନକୁ ଉତ୍ସର୍ଗ କରିଥିଲେ। ୧୯୭୦ରୁ ୧୯୭୧ ଓ ୧୯୭୭ରୁ ୧୯୭୯



ପର୍ଯ୍ୟନ୍ତ ବିହାରର ମୁଖ୍ୟମନ୍ତ୍ରୀ ହୋଇଥିଲେ କର୍ପୂରୀ ଠାକୁର। ସେ ଥିଲେ ବିହାରର ପ୍ରଥମ ଅଣ କଂଗ୍ରେସ ମୁଖ୍ୟମନ୍ତ୍ରୀ। ୧୯୬୭ ମାର୍ଚ୍ଚ ୫ରୁ ୧୯୬୮ ଜାନୁଆରୀ ୩୧ ପର୍ଯ୍ୟନ୍ତ ସେ ବିହାରର ଉପ-ମୁଖ୍ୟମନ୍ତ୍ରୀ ଥିଲେ। ଏହି ସମୟରେ ରାଜ୍ୟର ଶିକ୍ଷା ବିଭାଗ ତାଙ୍କ ହାତରେ ଥିଲା। ୧୯୭୦ରେ ସେ ଯେତେବେଳେ ପ୍ରଥମ ଥର ମୁଖ୍ୟମନ୍ତ୍ରୀ ହେଲେ ସେତେବେଳେ ସେ ସୋସିଆଲିଷ୍ଟ ପାର୍ଟିରେ ଥିଲେ। ୧୯୭୭ରେ ଦ୍ୱିତୀୟ ଥର ମୁଖ୍ୟମନ୍ତ୍ରୀ ହେବା ବେଳେ ସେ ଜନତା ପାର୍ଟିରେ ଥିଲେ। ଦେଶ ସ୍ୱାଧୀନ ହେବା ପରେ ଗାଁ ସ୍କୁଲ୍ ?ରେ ଶିକ୍ଷକତା କରୁଥିବା କର୍ପୂରୀ ଠାକୁର ୧୯୫୨ ମସିହାରେ ପ୍ରଥମ ଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ସୋସିଆଲିଷ୍ଟ ପାର୍ଟି ଟିକେଟ୍‌ରେ ସେ ତାଜପୁର ଆସନରୁ ବିଜୟୀ ହୋଇଥିଲେ।

## ମାଟି ଅତଡା ଧସି ୨ ଶ୍ରମିକ ମୃତ

ଭୁବନେଶ୍ୱର,୨୩।୧(ପି.ଏନ): କେନ୍ଦୁଝରର ଯୋଡ଼ାରେ ଅଘଟଣ। ମାଟି ଅତଡ଼ା ଧସି ୨ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଅଳ୍ପକେ ମୃତ୍ୟୁ ମୁଖରୁ ବର୍ତ୍ତିଯାଇଛନ୍ତି। ଅଣ୍ଡର ଗ୍ରାଉଣ୍ଡ ଡ୍ରେନେଜ୍ ପାଇଁ ଡିଆଇ ପାଇପ ଲାଇନ୍ ବିଛାଇବା କାମ ଚାଲୁଥିଲା ବେଳେ ଏହି ଦୁର୍ଘଟଣା ଘଟିଥିଲା। ମୃତକ ଦ୍ୱୟ ହେଉଛନ୍ତି ଯୋଡ଼ା ତଳକ ହଟିଙ୍ଗ ଅଞ୍ଚଳର ଚରଣ ଲୋହାର ଓ ଅର୍ଜୁନ ଲୋହାର ।ସୂଚନା ଅନୁଯାୟୀ, ଚେଭ୍‌ରୋକ୍ କନ୍ ?ଷ୍ଟ୍ରକ୍ସନ ପ୍ରାଇଭେଟ୍ ଲିମିଟେଟ୍ ? ନାମକ ଠିକା କମ୍ପାନୀ ଦ୍ୱାରା ଏହି ପ୍ରକଳ୍ପ କାର୍ଯ୍ୟ ଚାଲିଥିଲା। ୧୨ରୁ ୧୫ ଫୁଟ ଗଭୀରତା ପର୍ଯ୍ୟନ୍ତ ମାଟି ଖୋଳାଯାଇ ଡିଆଇ ପାଇପ୍ ପକାଯାଉଥିଲା। ଆଜି ଅପରାହ୍ନରେ ୫ ଜଣ ଶ୍ରମିକ ସେଠାରେ ପାଇପ୍ ଲାଇନ୍ ବିଛାଇବା କାମରେ ନିୟୋଜିତ ଥିଲେ। ସେମାନଙ୍କ ମଧ୍ୟରୁ ୩ ଜଣ ଖାଲ ଭିତରକୁ ପଶି ମାଟି ସମତୁଲ କରୁଥିବା ବେଳେ ହଠାତ୍ ପରୁ ମାଟି ଅତଡା ଖସି ପଡିଲା ।ମୁକେଶ ସର୍ଦ୍ଦାର ନାମକ ଜଣେ ଶ୍ରମିକ କୌଣସି ମତେ ମାଟି ଅତଡା ତଳୁ ବାହାରି ଆସିଥିଲେ। କିନ୍ତୁ ଅନ୍ୟ ଦୁଇ ଜଣ ଶ୍ରମିକ- ଚରଣ ଲୋହାର ଓ ଅର୍ଜୁନ ଲୋହାର ମାଟି ତଳେ ରହି ଯାଇଥିଲେ।

## ଏସ୍‌ଡିଏମ୍‌ଙ୍କ ଦାଦାଗିରି, ଓଭରଟେକ୍ କରିବାରୁ ଦୁଇ ଯୁବକଙ୍କୁ ନିର୍ଦ୍ଧୁମ ପିଟିଲେ

ନୂଆଦିଲ୍ଲୀ,୨୩।୧(ପି.ଏନ): ଦାଦାଗିରି ଦେଖାଇଲେ ଏସ୍‌ଡିଏମ୍। ଟପିଗଲେ ସବୁ ସୀମା। ବିଚ୍ ରାସ୍ତାରେ ଦୁଇ ଯୁବକଙ୍କୁ ନିସ୍ତୁକ ମାଡ ମାରିଲେ। ଫିଲ୍ମ ଷ୍ଟାଇଲରେ କଲେ ମାର୍‌ପିଟ୍। ତେବେ ଏଭଳି କରିବା ତାଙ୍କୁ ମହଙ୍ଗା ପଡିଛି। ଘଟଣା ସାମ୍ନାକୁ ଆସିବା ପରେ ଏସ୍‌ଡିଏମ୍‌ଙ୍କୁ ନିଲମ୍ବିତ କରାଯାଇଛି। ମଧ୍ୟପ୍ରଦେଶରେ ଘଟିଛି ଏହି ଘଟଣା। ଯାହାର ଭିଡିଓ ସୋଶାଲ ମିଡିଆରେ ଭାଇରାଲ ହେଉଛି ।ପ୍ରକୃତରେ, ଦୁଇଜଣ ଯୁବକ ମଧ୍ୟପ୍ରଦେଶର ଖେରୀରୁ ଉରାଲି ଯାଉଥିଲେ। ବାଟରେ ବାନ୍ଧବଗଡ ଏସଡିଏମ ଅମିତ ସିଂହଙ୍କ ଗାଡି ଆସୁଥିଲା। କିନ୍ତୁ ଯୁବକ ଦ୍ୱୟ ନିଜ ଗାଡି ସାଇଡ୍ କରିନଥିଲେ। ଏସ୍‌ଡିଏମ୍ ଓ ତହସିଲଦାରଙ୍କ ଗାଡିକୁ ଓଭରଟେକ୍



କରି ଚାଲି ଯାଇଥିଲେ। ଏହାର କିଛି ମିନିଟରେ ଆଗପଟୁ ତହସିଲଦାରଙ୍କ ଗାଡି ଆସି ସେମାନଙ୍କ ବାଟ ଓଗାଳିଥିଲା। ଦୁଇ ଯୁବକଙ୍କ କାରକୁ ଅଟକାଇଥିଲା। ପରେ ଗାଡି ଭିତରୁ ଟାଣି ଆଣି ଉଭୟ ତହସିଲଦାର ଓ ଏସଡିଏମଙ୍କ ସମେତ ୪ ଜଣ ମିଶି ବିଚ୍ ରାସ୍ତାରେ ଦୁଇ ଯୁବକଙ୍କୁ ନିସ୍ତୁକ ମାଡ ମାରିଥିଲେ।

## ପୋଲିସ-ମାଓବାଦୀ ଗୁଳି ବିନିମୟ

ବୌଦ୍ଧ,୨୩୧(ପି.ଏନ): ପୁଣି ପୋଲିସ ଏବଂ ମାଓବାଦୀ ମଧ୍ୟରେ ଗୁଳି ବିନିମୟ ଘଟିଛି । ବୌଦ୍ଧ-କନ୍ଧମାଳ ସୀମାନ୍ତ ନଳୀକୁମ୍ପା ଜଙ୍ଗଲରେ ଏହି ଗୁଳି ବିନିମୟ ଘଟିଛି । ପୋଲିସର ସର୍ଚ୍ଚ ଅପରେସନ ଚାଲିଥିବା ବେଳେ ଏପରି ଘଟିଥିବା କୁହାଯାଉଛି । ଏଥିରେ ଗୋଟିଏ ମାଓ କ୍ୟାମ୍ପ ଧ୍ୱଂସ ପାଇଛି । ୨୫ରୁ ୩୦ ମାଓବାଦ ଛତ୍ରଭଙ୍ଗ ଦେଇଛନ୍ତି । ଗୁଳି ବିନିମୟ ପରେ ଲ୍ୟାଣ୍ଡମାଇନ, ବନ୍ଧୁକ ସହ ବିପୁଳ ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି ।



## ବାଣୀବିହାର ଓଭରବ୍ରିଜ ଉପରେ ଦୁର୍ଘଟଣା: ଏକାଧିକ ଆହତ

ଭୁବନେଶ୍ୱର,୨୩।୧(ପି.ଏନ): ବାଣୀବିହାର ଓଭରବ୍ରିଜ ଉପରେ ଦୁର୍ଘଟଣା ଘଟିବା ଖବର ସାମ୍ନାକୁ ଆସିଛି । ଓଏସଆରଟିସି ବସକୁ ଏକ ଘରୋଇ ବସ ଧକ୍କା ଦେଇଛି । ତେବେ ଏହି ଦୁର୍ଘଟଣାରେ ଏକାଧିକ ଆହତ ହୋଇଛନ୍ତି । ଦୁଇଟି ବସର ଡ୍ରାଇଭର ସହ ଏକାଧିକ ଆହତ ହୋଇଛନ୍ତି ।ସୂଚନା ଅନୁଯାୟୀ, ଦୁଇଟି ବସ ଧକ୍କା ହେବା ପରେ ଦୁଇଟି ବସର ଡ୍ରାଇଭର ଆହତ ହୋଇଛନ୍ତି । ଘଟଣାସ୍ଥଳରେ ସେମାନଙ୍କୁ ଉଦ୍ଧାର କରାଯାଇ ମେଡିକାଲରେ ଭର୍ତ୍ତି କରାଯାଇଛି । ଏପର୍ଯ୍ୟନ୍ତ ପୋଲିସର ତଦନ୍ତରୁ ଜଣାପଡିଛି ଯେ, ବ୍ରେକ ଫେଲ ଯୋଗୁଁ ଦୁର୍ଘଟଣା ହୋଇଛି ।

## ଏପ୍ରିଲ ୧୬ରେ ଲୋକସଭା ନିର୍ବାଚନ ?

ନୂଆଦିଲ୍ଲୀ,୨୩।୧(ପି.ଏନ): ଆସନ୍ତା ଲୋକସଭା ନିର୍ବାଚନ କ'ଣ ଏପ୍ରିଲ ୧୬ ତାରିଖରେ ହେବ ? ଦିଲ୍ଲୀ ମୁଖ୍ୟ ନିର୍ବାଚନ ଅଧିକାରୀ ଦିଲ୍ଲୀର ୧୧ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ନିକଟକୁ ପଠାଇଥିବା ଏକ ଚିଠିରେ ଏହା ଉଲ୍ଲେଖ ଥିବାରୁ ଏହାକୁ ନେଇ ବିଭିନ୍ନ ମହଲରେ ଆଲୋଚନା ଆରମ୍ଭ ହୋଇଯାଇଛି। ତେବେ, ଏହି ଚିଠିଟି ସୋଶାଲ ମିଡିଆରରେ ଭାଇରାଲ ହେବାରୁ ଦିଲ୍ଲୀର ମୁଖ୍ୟ ନିର୍ବାଚନ ଅଧିକାରୀ ସ୍ପଷ୍ଟୀକରଣ ଦେଇ କହିଛନ୍ତି ଯେ ଏହା ଚୂଡାନ୍ତ ନୁହେଁ, ଏହା କେବଳ ଏକ ଆନୁମାନିକ ତାରିଖ। ଦିଲ୍ଲୀ ମୁଖ୍ୟ ନିର୍ବାଚନ ଅଧିକାରୀ ଦିଲ୍ଲୀର ୧୧ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ନିକଟକୁ ପଠାଇଥିବା ଚିଠିରେ ୨୦୨୪ ଏପ୍ରିଲ ୧୬ ତାରିଖରେ ଲୋକସଭା ନିର୍ବାଚନ ହୋଇପାରେ ବୋଲି ଉଲ୍ଲେଖ କରିଛନ୍ତି। ତାଙ୍କ ସୂଚନା ଅନୁସାରେ ଏହି ତାରିଖରେ ନିର୍ବାଚନ କରିବା ପାଇଁ ମୁଖ୍ୟ ନିର୍ବାଚନ କମିଶନ ଆପାତତଃ ସ୍ଥିର କରିଛନ୍ତି। ତେବେ ଏହା କେବଳ ରେଫରେନ୍ସ ବା ଉଦାହରଣ। ଏହି ତାରିଖକୁ ଭିତ୍ତି କରି ନିର୍ବାଚନ ଆରମ୍ଭ ଓ ଶେଷ ତାରିଖ ଅନୁମାନ କରି ସେ ଦିଗରେ ପ୍ରସ୍ତୁତ ରହିବା ପାଇଁ ଏଭଳି ଚିଠି ଲେଖାଯାଇଛି ବୋଲି ପରେ ସ୍ପଷ୍ଟୀକରଣ ଦିଆଯାଇଛି। ଦିଲ୍ଲୀର ୧୧ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ଏହି ଚିଠି ବା ସର୍କୁଲାର ଲେଖିଛନ୍ତି ଦିଲ୍ଲୀର ସହ ମୁଖ୍ୟ ନିର୍ବାଚନ ଅଧିକାରୀ ଟି. ମିସାଓ। ଏହି ଚିଠି ସୋଶାଲ ମିଡିଆରେ ଭାଇରାଲ ହେବା ପରେ ଦିଲ୍ଲୀର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଅଫିସ ତରଫରୁ ସୋଶାଲ ମିଡିଆରେ ଏନେଇ ସ୍ପଷ୍ଟୀକରଣ ଦିଆଯାଇଛି। ସେଥିରେ କୁହାଯାଇଛି ଯେ ଏହି ଚିଠି ଅନୁସାରେ ୨୦୨୪ ଏପ୍ରିଲ ୧୬ ତାରିଖରେ ଲୋକସଭା ନିର୍ବାଚନ ହେବା ନେଇ କେତେକ ଗଣମାଧ୍ୟମ ଜାଣିବାକୁ ଚାହିଁଛନ୍ତି। ଏହି ତାରିଖ କେବଳ ଟେଣ୍ଟାଟିଭ୍ ? ବା ସମ୍ଭାବ୍ୟ ତାରିଖ। ଏହାକୁ ଉଦାହରଣ ଭାବେ ଗ୍ରହଣ କରି ନିର୍ବାଚନ ଯୋଜନା ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ଏହି ତାରିଖ ଉଲ୍ଲେଖ କରାଯାଇଛି। ଏହା ଚୂଡାନ୍ତ ନୁହେଁ। ଏହି ତାରିଖରେ କେବଳ ଦିଲ୍ଲୀର ଲୋକସଭା ନିର୍ବାଚନ ହେବ କି ଏହା ସମୁଦାୟ ଲୋକସଭା ନିର୍ବାଚନର ଏକ ପର୍ଯ୍ୟାୟ ତାରିଖ ସେନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ।

## ଭୁବନେଶ୍ୱର ଏମ୍ସରେ ଆରମ୍ଭ ହେଲା ଡ୍ରୋନ ସେବା: ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବଡ ସଫଳତା

ଭୁବନେଶ୍ୱର,୨୩।୧(ପି.ଏନ): ରାଜଧାନୀ ଭୁବନେଶ୍ୱରର ଏମ୍ସ ହସ୍ପିଟାଲରେ ଆଜିଠାରୁ ଡ୍ରୋନ ସେବା ଆରମ୍ଭ ହୋଇଯାଇଛି । ଏଣିକି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏମ୍ସ ମେଡିକାଲରେ ଡ୍ରୋନ ସେବା ଉପଲବ୍ଧ ହୋଇପାରିବ । ଏମ୍ସ ମେଡିକାଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଶୁତୋଷ ବିଶ୍ୱାସ ଏ ନେଇ ସୂଚନା ଦେଇଛନ୍ତି । ଏହି ସୁବିଧା ଦ୍ୱାରା ବେଶ ଉପକୃତ ହୋଇପାରିବେ ରୋଗୀ । ଏହି ଡ୍ରୋନ ଜରିଆରେ ରକ୍ତ, ଔଷଧ, ମେଡିକାଲ ଉପକରଣ ପଠାଯିବ ବୋଲି ଜାଣିବାକୁ ମିଳିଛି ।ଏଥିପାଇଁ ହୋଇଥିବା ଏକ ଟ୍ରାଏଲରେ ସଫଳତା ହାସଲ କରିଛି ଏମ୍ସ । ରକ୍ତ ନେଇ ଟାଙ୍ଗି ମେଡିକାଲକୁ ଯିବା ସହିତ ସଫଳତା ଭାବରେ ଫେରି ଆସିଥିବା ଜଣାଯାଇଛି । ଓଡିଶାରେ ଏମ୍ସ ମେଡିକାଲ ପ୍ରଥମ ଥର ପାଇଁ ଏଭଳି ପଦକ୍ଷେପ ନେବାକୁ ଯାଉଛି । ଏମ୍ସ



ମେଡିକାଲକୁ ଚିକିତ୍ସା ପାଇଁ ଆସୁଥିବା ରୋଗୀମାନେ ଏହି ସେବାରେ ବେଶ୍ ଉପକୃତ ହୋଇପାରିବେ । ରକ୍ତ, ଔଷଧ କିମ୍ବା ଅନ୍ୟାନ୍ୟ ମେଡିକାଲ ଉପକରଣ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତରିତ କରିବା ପାଇଁ ଡ୍ରୋନ ସେବା ଉପଲବ୍ଧ କରିଛି ଭୁବନେଶ୍ୱରର ଏମ୍ସ ମେଡିକାଲ । ଏହି ସେବା ସ୍ୱାସ୍ଥ୍ୟ କ୍ଷେତ୍ରରେ ରାଜ୍ୟର ଏକ ବଡ ସଫଳତା ବୋଲି କୁହାଯାଇପାରେ ।

## ଶିକ୍ଷକ ନିଯୁକ୍ତି ଅନିୟମିତତାରେ ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କ ସରକାରୀ ବାସଭବନ ଘେରାଉ

ଭୁବନେଶ୍ୱର ,୨୩।୧(ପି.ଏନ): ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର ନଓ୍ୱାଜଙ୍କ ନେତୃତ୍ୱରେ ବିଜେଡ଼ି ସରକାରର ଜୁନିୟର ଶିକ୍ଷକ ନିଯୁକ୍ତି ପରୀକ୍ଷା ଫଳ ଘୋଷଣାରେ ଅନିୟମିତତା ପ୍ରତିବାଦରେ ଆଜି ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ସୁଦାମ ମାରାଣ୍ଡିଙ୍କ ସରକାରୀ ବାସଭବନ ଘେରାଉ କରାଯାଇଥିଲା। ସେଠାରେ ମନ୍ତ୍ରୀ ସୁଦାମ ମାରାଣ୍ଡି ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କର କୁଶପୁତଳିକା ଦାହ କରାଯାଇଥିଲା। ଏହି ଅନିୟମିତା ପ୍ରତିବାଦରେ ମନ୍ତ୍ରୀଙ୍କ ଘର ଉପରକୁ ଟମାଟୋ ଓ ଅଣ୍ଡା ମାଡ଼ ହୋଇଥିଲା। ପୁଲିସ୍ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନଓ୍ୱାଜ ଓ ଅନ୍ୟମାନଙ୍କୁ ସେଠାରୁ ଉଠାଇ ନେଇ ଅଟକ ରଖିଥିଲେ ଏବଂ ପରେ ଛାଡ଼ି ଦେଇଥିଲେ। ଏହି ପରିପ୍ରେକ୍ଷିରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନଓ୍ୱାଜ କହିଛନ୍ତି ଯେ, ନବୀନ ସରକାର ସମସ୍ତ ସରକାରୀ ଚାକିରୀକୁ ନିଲାମ କରୁଛନ୍ତି। ୨୦ ହଜାର କନିଷ୍ଠ ଶିକ୍ଷକ ନିଯୁକ୍ତି ପାଇଁ ଯେଉଁ ପ୍ରକ୍ରିୟାରେ ପରିକ୍ଷା କରାଗଲା ଏବଂ ଫଳାଫଳ ଘୋଷଣା କରାଗଲା ଏଥିରେ ସଂପୂର୍ଣ୍ଣ ଅନୀୟମିତତା ହୋଇଛି ବୋଲି ପରୀକ୍ଷାର୍ଥୀମାନେ ଅଭିଯୋଗ କରିଛନ୍ତି। ଓସେପା ଭୂମିକା ଉପରେ ସମସ୍ତେ ସନ୍ଦେହ ପ୍ରକଟ କରିଛନ୍ତି। ଯେଉଁ ସିବିଟି ପରୀକ୍ଷା କରାଯାଇଥିଲା ସେଥିରେ ଅନିୟମିତା ହୋଇଛି। କଟଅଫ୍ ଲିଷ୍ଟକୁ ସାର୍ବଜନୀନ କରିବା ପାଇଁ ଦାବୀ କରାଯାଇଛି। ମେରିଟ୍ ଲିଷ୍ଟ ବାହାରିବା ପୂର୍ବରୁ କଟଅଫ୍ ଲିଷ୍ଟ ପ୍ରକାଶିତ ହେଲା ନାହିଁ। ବହୁ ପରୀକ୍ଷାର୍ଥୀ ଅଧିକ ନମ୍ବର ରଖିଥିଲେ ବି ସେମାନେ ମେରିଟ୍ ଲିଷ୍ଟ ବାଦ ପଡ଼ିଛନ୍ତି ବୋଲି ଅଭିଯୋଗ କରିଛନ୍ତି ।ଆଡ୍‌ମିଟ୍ କାର୍ଡ୍‌ରେ ପରୀକ୍ଷାର୍ଥୀଙ୍କ ନାମ ନ୍ତମହାଲମାଣ୍ଡାନ୍ତ ଏବଂ ତାଙ୍କ ପିତାଙ୍କ ନାମ ନ୍ତମହାଲମାଣ୍ଡା ପ୍ରୋନ୍ତ ଲେଖା ହୋଇଥିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଅନ୍ୟ ଏକ ଆଡ଼ମିଟ୍‌କାର୍ଡ଼ରେ ଜଣେ



ପକ୍ଷୀର ଚିତ୍ର ଥିବା ଦେଖାଦେଇଛି। ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ବର୍ଗଙ୍କ ମଧ୍ୟରୁ କେତେ ପରୀକ୍ଷାର୍ଥୀ ସଫଳ ହୋଇଛନ୍ତି ତାହା ମଧ୍ୟ ଜଣାଯାଉନାହିଁ। ୨୦ ହଜାର ପଦବୀ ପାଇଁ ଘୋଷଣା ହୋଇଥିବାବେଳେ ମେରିଟ୍ ଲିଷ୍ଟରେ ୧୮୭୮୮ ଜଣ ରହିଛନ୍ତି ।ଶ୍ରୀ ୟାସିର ନଓ୍ୱାଜ କହିଛନ୍ତି ଯେ ଚାକିରୀ ବିକିରି ନବୀନ ସରକାରର ଏକ ଜଣାଶୁଣା ଯୋଜନା। ପୂର୍ବରୁ ଓଡ଼ିଶା ଷ୍ଟାଫ୍ ସିଲେକ୍‌ସନ ଜରିଆରେ ଚାକିରୀ ବିକିରି କରାଯାଉଥିଲା। ଛାତ୍ରଛାତ୍ରୀମାନେ ଦିନରାତି ପାଠପଢ଼ି ପ୍ରସ୍ତୁତ ହେଲା ପରେ କିଛି ମୂଲ୍ୟ ରହୁନାହିଁ। ପରୀକ୍ଷା ପୂର୍ବରୁ ଚାକିରୀ ନିଲାମ ହୋଇଯାଉଛି। ଅନ୍ୟପକ୍ଷରେ ଏହି ଡିଲ୍‌ରେ ଉଭୟ ନବୀନ ସରକାର ଓ ମୋଦୀ ସରକାର ସାମିଲ। ଏଣୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯେଉଁ ଅଭିଯୋଗ କରିଛନ୍ତି ତାଙ୍କ ପକ୍ଷରେ ଏହା ଶୋଭା ପାଉନାହିଁ କାରଣ ଏଡ଼ିସିଆଇଏଲ ଯେଉଁ ସଂସ୍ଥା ଏହି ପରୀକ୍ଷାର ଦାୟିତ୍ୱ ନେଇଥିଲେ ସେହି ସଂସ୍ଥାଟି ପରିଚାଳନା ଦାୟିତ୍ୱ କେନ୍ଦ୍ର ଶିକ୍ଷା ବିଭାଗ ଅଧିନରେ ରହିଛି। ଧର୍ମେନ୍ଦ୍ର ପ୍ରଧାନ କିନ୍ତୁ ଏହି କଥାକୁ ଫାଙ୍କି ଦେଉଛନ୍ତି। ସୁତରାଂ ନ୍ତବିଜେଡ଼ି ବିଜେପି କୋଳାକୋଳି, ଲୋକ ଦେଖିବାକୁ କଳିନ୍ତ। ତେଣୁ ଦୁଇ ସରକାର ଏହି ଚାକିରି ବିକିରିରେ ସାମିଲ୍। ତୁରନ୍ତ ଏହି ସ୍କାମ୍‌ର ପର୍ଦ୍ଦାଫାସ୍ ପାଇଁ ସମସ୍ତଙ୍କ ନମ୍ବର ସାର୍ବଜନୀନ ହେଉ। ଘଟଣାର ବିଚାର ବିଭାଗୀୟ ତଦନ୍ତ ହେଉ। ଏହି କାର୍ଯ୍ୟକ୍ରମରେ ପିସିସି ସାଧାରଣ ସମ୍ପାଦକ ପ୍ରକାଶ ମିଶ୍ର, ମନୋଜ ବିଶ୍ୱାଳ, ଆଲୋକ ଲେଙ୍କା, ଅଜୟ ସାହୁ, ଶକ୍କୁନା କଅଁର, ନିହାର ବେହେରା, ମହମ୍ମଦ ଗୁଲଫାମ୍, ବିଶ୍ୱଭୂଷଣ ମହାପାତ୍ର, ଉଦ୍ଦିତ୍ ପ୍ରଧାନ, ଭାଗ୍ୟଶ୍ରୀ ମହାନ୍ତି, ସାହାରୁ ଖାନ, ନିଆଜୁ ଇସ୍‌ଲାମ୍, ସୁରଜ ରାଉତ, ବଳରାମ ନନ୍ଦ, ମହମ୍ମଦ ସମି ଉଲ୍, ସ୍ପନ୍ଦନ ସ୍ୱାଇଁ, ଚିନ୍ମୟ ବେହେରା, ସୌମ୍ୟ ବରାଳ, ରାଜେଶ କୁମାର ଦାସ ଓ ମହମ୍ମଦ ମନୱ୍ୱର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## କାଲି କଂଗ୍ରେସରେ ମିଶିବେ ପୂର୍ବତନ ମନ୍ତ୍ରୀ ବଳଭଦ୍ର ମାଝୀ

ଭୁବନେଶ୍ୱର,୨୩।୧(ପି.ଏନ): ଦୁଇ ସପ୍ତାହ ତଳେ ବିଜେଡିରୁ ଇସ୍ତଫା ଦେଇଥିବା ପୂର୍ବତନ ମନ୍ତ୍ରୀ ବଳଭଦ୍ର ମାଝୀ ଆସନ୍ତାକାଲି କଂଗ୍ରେସରେ ମିଶିବେ। ଭବାନୀପାଟଣାରେ କଂଗ୍ରେସର ମିଶ୍ରଣ ପର୍ବରେ ସେ ସାମିଲ ହୋଇ ଦଳରେ ମିଶିବେ। କଂଗ୍ରେସର ବରିଷ୍ଠ ନେତାଙ୍କ ଉପସ୍ଥିତିରେ ସେ ଦଳରେ ଯୋଗ ଦେବେ ବୋଲି ଜଣାପଡିଛି ।ଜାନୁଆରୀ ୮ ତାରିଖରେ ବିଜେଡିରୁ ଇସ୍ତଫା ଦେଇଥିଲେ ବଳଭଦ୍ର ମାଝୀ। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇଥିବା ଇସ୍ତଫା ପତ୍ରରେ ବଳଭଦ୍ର ମାଝୀ ଲେଖିଥିଲେ, ୧୯୯୭ରେ ଦଳ ଗଠନ ହେବା ପରଠାରୁ ଆପଣଙ୍କ ସହିତ କାମ କରିବାର ସୁଯୋଗ ଦେଇଥିବାରୁ ଆପଣଙ୍କୁ ବହୁତ ଧନ୍ୟବାଦ ।ବଳଭଦ୍ର ମାଝୀ ଇସ୍ତଫା ପତ୍ରରେ ତାଙ୍କର ଏହି



ପଦକ୍ଷେପର କାରଣ ସଂପର୍କରେ କିଛି ଉଲ୍ଲେଖ କରି ନଥିଲେ। ତେବେ ଇସ୍ତଫା ଦେବା ପରେ ସେ କହିଥିଲେ, ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ଇଚ୍ଛା କରିଥିଲି। କିନ୍ତୁ ଭେଟିବାକୁ ଦିଆଗଲାନି। ଜଣେ କର୍ମଚାରୀଙ୍କ ମାଧ୍ୟମରେ ଭେଟିବାକୁ କୁହାଗଲା। ଉଦ୍ୟମ କରି ବି ଭେଟିପାରିଲି ନାହିଁ। ତେଣୁ ଇସ୍ତଫା ଦେଲି ।ବଳଭଦ୍ର କହିଥିଲେ, ବିଜୁ ଜନତା ଦଳରେ କୋଟେରୀ ଗ୍ରୁପ୍ ? ସକ୍ରିୟ ଅଛନ୍ତି। ପ୍ୟାରୀଙ୍କ ପାଖରେ ଯେଉଁ କୋଟେରୀ ଥିଲେ, ଏବେ ପାଣ୍ଡିଆନଙ୍କ ପାଖରେ ଅଛି। ସେହି କୋଟେରୀ ଥିବା ପର୍ଯ୍ୟନ୍ତ ମୋତେ କେବେ ବି ସୁଯୋଗ ମିଳିବନି।








## ଟି ଟାଇମ୍

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

# ମୋଗଲ ଯୁଗର ଘଂଟେଓ୍ୱାଲା ଦୋକାନ




ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଂଟେଓ୍ୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଂଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଂଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।



## ପୁରାଣ କାହାଣୀ

# ନାରୀଙ୍କ ସାତଟି ବିଶେଷ ଗୁଣ



ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହିଗୁଣଗୁଡ଼ିକ ହେଉଛି କୀର୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା'ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୃଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନି ସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ପର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା



ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କୈନ୍ଦ୍ରିକ ପରିବାର । ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

# ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥରୁମ୍ ଭିତରେ ପସିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

# ଓଲଟା ଚାଲିବାର ଅଭ୍ୟାସ



ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି। ଏବେ ଦେଖନ୍ତୁ ତାମିଲନାଡ୍ରୁ ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି। ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କି ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡି ଚଢ଼ିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।

## ଆଜିର ଭାଗ୍ୟ

| | |
|---|---|
| ମେଷ | ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ। |
| ବୃଷ | ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି। |
| ମିଥୁନ | ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ। |
| କର୍କଟ | ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ। |
| ସିଂହ | ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। |
| କନ୍ୟା | ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ। |
| ତୁଳା | ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ। |
| ବିଛା | ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ। |
| ଧନୁ | ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ। |
| ମକର | କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ। |
| କୁମ୍ଭ | ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ। |
| ମୀନ | ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ। |




# ବନ୍ୟଜନ୍ତୁ ସଂରକ୍ଷଣ

ଘନବନାନୀ ଆଚ୍ଛାଦିତ ନଭଶ୍ଚୁମ୍ବି ପର୍ବତମାଳା, ତରଙ୍ଗଶୋଭିତ ନଦୀସକଳ ହଂସକାରାଣ୍ଡାକାଦି ବିହଙ୍ଗମ ଶୋଭିତ ହ୍ରଦ ଓ ହ୍ରଦ ତୀର, ଶାଳ , ପିଆଶାଳ, ଅଶିନ, ଆମ୍ର, ପଣସ ଆଦି ବୃକ୍ଷ ପରିପୂର୍ଣ୍ଣ ଘଂଚ ଜଙ୍ଗଲ। ପ୍ରକୃତିର ଏକ ସୌନ୍ଦର୍ଯ୍ୟମୟୀ ନୟନାଭିରାମ ଦୃଶ୍ୟ। ଅରଣ୍ୟର ଗୁରୁଗମ୍ଭୀର କାନ୍ତକମନୀୟ, ପରିବେଶ ମନୁଷ୍ୟର ହୃଦୟସ୍ପର୍ଶୀ ହୋଇଥାଏ। ଜଙ୍ଗଲ ହିଁ ମନୁଷ୍ୟ ସଭ୍ୟତାର ଜୀବନ। ଏହି ବିଚିତ୍ରବର୍ଣ୍ଣ ବନଭୂମିରେ ବନ୍ୟ ପଶୁପକ୍ଷୀମାନଙ୍କର ଜୀବନଯାପନର ପ୍ରଣାଳୀ ମନୁଷ୍ୟକୁ ପରିତୃପ୍ତ କରିଥାଏ। ସେମାନଙ୍କର ଗୁଞ୍ଜନ, ଗର୍ଜନ, ରାବ ଓ କାକଳିରେ ବନଭୂମିରେ ସୃଷ୍ଟିହୁଏ ଶ୍ରୁତିମଧୁର ଓ ଭୀତଚକିତ ପରିବେଶ। ମହିଷିମାନଙ୍କର ସିଂହ ସହିତ ଲଢେଇ, ବ୍ୟାଘ୍ର ଗଜର ସମର, ବ୍ୟାଘ୍ର ଦେଖି ହରିଣ ଯୂଥର ପଳାୟନ, ମହାବଳ ବାଘ, ଭାଲୁ,



ଗଧିଆ, ସରୀସୃପ ଓ ବିଭିନ୍ନ ବନ୍ୟଜନ୍ତୁଙ୍କର ଗତିବିଧି ଦର୍ଶକଙ୍କ ମନକୁ କରେ ପୁଲକିତ। ଚିଡିଆଖାନା ଠାରୁ ମୁକ୍ତ ବନ୍ୟ ପରିବେଶରେ ଥିବା ପଶୁପକ୍ଷୀମାନଙ୍କୁ ଦେଖିବାରେ ରହିଛି ଅନେକ ଆନନ୍ଦ। କିନ୍ତୁ ଶିକାରୀମାନଙ୍କର ଅହେତୁକ ଶିକାରପ୍ରିୟତା ଏବଂ ବିଚାରହୀନ ଶିକାର ପ୍ରକ୍ରିୟା ଫଳରେ ବନଭୂମିରୁ ବହୁବିଧ ବନ୍ୟଜନ୍ତୁ ସବଂଶରେ ଲୁପ୍ତ ଓ ନିର୍ଶ୍ଚିହ୍ନ ହେବାକୁ ବସିଲେଣି। ବୃକ୍ଷଲତା, ଗୁଳ୍ମ ଆଦି, ପଶୁପକ୍ଷୀ, ଜୀବଜନ୍ତୁମାନଙ୍କର ଅଭିବୃଦ୍ଧି, ମାନବ ସମାଜର ଅର୍ଥନୈତିକ ଓ ବୈଜ୍ଞାନିକ ପ୍ରଗତିରେ ସହାୟକ ହୋଇଥାଏ। ଅସଂଖ୍ୟ ବନ୍ୟଜନ୍ତୁଙ୍କର ବିଭିନ୍ନ ଅଙ୍ଗ ମନୁଷ୍ୟର ଔଷଧ ଆଦି ପ୍ରସ୍ତୁତିରେ ବିଶେଷ ଭାବରେ ବ୍ୟବହୃତ ହୁଏ। ବନ ମଧ୍ୟରେ ଏକ ଶ୍ରେଣୀର ଶ୍ୱାନ ରହିଛନ୍ତି, ଯେଉଁମାନେ କି ଜଙ୍ଗଲ ମଧ୍ୟରେ ମନୁଷ୍ୟକୁ ବାଟ ଦେଖାଇଥାଆନ୍ତି। ଶିକାରୀମାନଙ୍କର ଅତ୍ୟାଚାରରୁ ବନ୍ୟଜନ୍ତୁଙ୍କୁ ରକ୍ଷା କରିବା ଲାଗି ଏବେଠାରୁ ସତର୍କ




ନହେଲେ ମନୁଷ୍ୟ ସମାଜ ଏକ ଅମୂଲ୍ୟ ମହାସମ୍ପଦ ହରାଇ ବସିବ।

ବନ୍ୟପ୍ରାଣୀମାନଙ୍କର ସୁରକ୍ଷା ପାଇଁ ୧୯୭୨ ମସିହାରେ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ପ୍ରଣୀତ ହୋଇଅଛି। ବନ୍ୟଜନ୍ତୁ ସଂରକ୍ଷଣ ନିମିତ୍ତ ଭାରତବର୍ଷରେ ୧୦୪ଟି ଜାତୀୟ ଉଦ୍ୟାନ ଥିବା ଯାର ଆୟତନ ୪୩.୭୧୬ km2 ଓ ୫୬୭ଟି ଅଭୟାରଣ୍ୟ ଯାହାର କ୍ଷେତ୍ରଫଳ ୧୨୨୫୪୦ km2 ଅଟେ। ସମୟକ୍ରମେ ଏସବୁର ବୃଦ୍ଧି ଘଟୁଛି। ଓଡ଼ିଶାର



୨ଟି ଜାତୀୟ ଉଦ୍ୟାନ ଥିବା ବେଳେ ମଧ୍ୟପ୍ରଦେଶରେ ୧୧ଟି ଓ ପଞ୍ଜାବରେ ଜାତୀୟ ଉଦ୍ୟାନ ନାହିଁ। ଓଡ଼ିଶାରେ ୧୯ ଟି ଅଭୟାରଣ୍ୟ ଥିବାବେଳେ ମହାରାଷ୍ଟ୍ରରେ ୪୮ଟି ଅଭୟାରଣ୍ୟ ଅଛି। ଆମ ଭାରତବର୍ଷରେ ୫୨ଟି ବ୍ୟାଘ୍ର ସଂରକ୍ଷଣ ଅଭୟାରଣ୍ୟ ଏବଂ ୩୨ଟି ହାତୀ ସଂରକ୍ଷଣ ଅଭୟାରଣ୍ୟ ରହିଅଛି। ବ୍ୟାଘ୍ରଙ୍କ ସଂଖ୍ୟା ପ୍ରାୟ ୨୯୬୭ଟି ଥିଲାବେଳେ ହାତୀମାନଙ୍କ ସଂଖ୍ୟା ୨୭୩୧୨, ସେହିପରି ଭାରତ ବର୍ଷରେ ସିଂହମାନଙ୍କ ସଂଖ୍ୟା ପ୍ରାୟ ୬୭୪ଟି। ଓଡ଼ିଶାରେ ହାତୀ ସଂରକ୍ଷଣ ପାଇଁ ମୟୂରଭଞ୍ଜ (ER), ମହାନଦୀ (ER) ସମ୍ବଲପୁର (ER) ଓ ଚନ୍ଦକା ହାତୀ ଅଭୟାରଣ୍ୟ ରହିଛି। କେନ୍ଦ୍ର ସରକାର ବନ୍ୟଜନ୍ତୁମାନଙ୍କ ସୁରକ୍ଷା ପାଇଁ The Indian Board For Wildlife ନାମକ ଏକ ସଂଗଠନ ପ୍ରତିଷ୍ଠା କରିଛନ୍ତି। ବନ୍ୟଜନ୍ତୁ ସଂରକ୍ଷଣ ବିଷୟରେ ଜନସାଧାରଣଙ୍କୁ ସଚେତନତା ପାଇଁ ବନ୍ୟଜନ୍ତୁ ସଂରକ୍ଷଣ ସପ୍ତାହ ବା ପଶୁ କଲ୍ୟାଣ ଦିବସ ଅକ୍ଟୋବର ମାସ ୪ ତାରିଖରେ ପାଳନ କରାଯାଇଥାଏ। ଗାନ୍ଧୀ ଜୟନ୍ତୀରୁ ଏହି ବନ୍ୟଜନ୍ତୁ ସପ୍ତାହ ପାଳନ କରାଯାଏ। ଭାରତବର୍ଷରେ ବିଭିନ୍ନ ରାଜ୍ୟରେ ବନ୍ୟଜନ୍ତୁ ସରଂକ୍ଷଣର ବହୁ ଆଦର୍ଶ କେନ୍ଦ୍ର ରହିଛି। ସେଗୁଡିକ ହେଉଛି ବଳୀପୁର ଅଭୟାରଣ୍ୟ, ଚନ୍ଦ୍ରପ୍ରଭା ଅଭୟାରଣ୍ୟ, ଗୁଜରାଟର ଗିରି ବନଭୂମି, ବଙ୍ଗରାଜ୍ୟର ବଳଦପଡ଼ା ଅଭୟାରଣ୍ୟ, ହିମାଳୟ ନିକଟ ବର୍ତି କର୍ବେଟ୍ ଜାତୀୟ ଉଦ୍ୟାନ, ଦରଚିଗ୍ରାମ ଅଭୟାରଣ୍ୟ, ଜବଲପୁରଠାରୁ ପ୍ରାୟ ଶହେ ମାଇଲ ଦୂରରେ ଥିବା କହ୍ନା ଜାତୀୟ ଉଦ୍ୟାନ, ଆସାମର କାଜିରଙ୍ଗା ଅଭୟାରଣ୍ୟ, ମାନସ ଅଭୟାରଣ୍ୟ ଭରତପୁରଠାରେ ଥିବା କେଜି ଅଭୟାରଣ୍ୟ, ମାନ୍ଦ୍ରାଜର ମୃଦୁମଲାଇ ଅଭୟାରଣ୍ୟ, ମଧ୍ୟପ୍ରଦେଶରେ ଥିବା ଶିବପୁର ଜାତୀୟ ଉଦ୍ୟାନ, କେରଳରେ ପେରିଅର ଅଭୟାରଣ୍ୟ, ସିରିସ୍ ଅଭୟାରଣ୍ୟ, ମାନ୍ଦ୍ରାଜରେ ଥିବା ବେଦାନ୍ତ ପଶୁପକ୍ଷୀ ଅଭୟାରଣ୍ୟ, ରାଜାଜୀ ଅଭୟାରଣ୍ୟ, ଶିଓଲିକ୍ ଗିରିମାଳାରେ ଅବସ୍ଥିତ।

ଭାରତର ଅରଣ୍ୟମାନଙ୍କରେ ବିଭିନ୍ନ ପ୍ରକାର ବନ୍ୟ ପଶୁ ଓ ପକ୍ଷୀ ଦେଖାଯାଆନ୍ତି। ସେଗୁଡିକ ମଧ୍ୟରେ ସିଂହ, ବାଘ, ହାତୀ, ଭାଲୁ, ଗଣ୍ଡା, ଗୟଳ, ବାରହା, ମାଙ୍କଡ, କୋକିଶିଆଳି, ଗଧିଆ, ବିଲୁଆ, ହରିଣ, ସମ୍ବର, ଚିତାବାଘ ଓ ବିଭିନ୍ନ ଜାତିର ସରୀସୃପ, ସାପ, କୁମ୍ଭୀର, ମୟୂର, ଶୁଆଶାରୀ, ଚିଲ, ଛଂଚାଣ, ପେଚା, କୋଚିଲାଖାଇ ଆଦି ଦେଖାଯାଆନ୍ତି। ପର୍ଶ୍ଚିମବଙ୍ଗର ସୁନ୍ଦରବନରେ ମହାବଳ ବାଘ ଦେଖାଯାଆନ୍ତି। ହିମାଳୟ ପାଦଦେଶାଂଚଳ, ଓଡିଶା, କର୍ଣ୍ଣାଟକ, ମଧ୍ୟପ୍ରଦେଶରେ ହାତୀ ଓ ବାଘ ଦେଖାଯାଆନ୍ତି। ଆସାମ ଓ ବଙ୍ଗର ଅରଣ୍ୟରେ ଗଣ୍ଡା ବାସ କରନ୍ତି। ଭାରତୀୟ ଗଣ୍ଡା ଅବାଂଶେଷର ଗଣ୍ଡାଙ୍କଠାରୁ ବଡ଼ ହୋଇଥାଆନ୍ତି। ହିମାଳୟ ପାର୍ବତ୍ୟାଂଚଳ (ଆସାମ ନେପାଳ ସୀମା)ରେ ଚମରୀ ଗାଈ ଓ କସ୍ତୁରୀ ମୃଗ ଦେଖିବାକୁ ମିଳେ। ମଧ୍ୟପ୍ରଦେଶ, ଓଡ଼ିଶା, ଉତରପ୍ରଦେଶରେ ନୀଳଗାଈ ଦେଖାଯାଆନ୍ତି। ଓଡ଼ିଶାର ସରୀସୃପମାନଙ୍କ ମଧ୍ୟରେ ବଉଳା କୁମ୍ଭୀର, ମଗର, ସମୁଦ୍ର କଇଁଛ, ଘଡ଼ିଆଳ କୁମ୍ଭୀର ଓ ଗୋଧି ଆଦି ପ୍ରଧାନ। ଓଡ଼ିଶାରେ ଡାଙ୍ଗମାଳଠାରେ ଏହି ସରୀସୃପମାନଙ୍କ ଅଭୟାରଣ୍ୟ ହୋଇଅଛି।

ଅରଣ୍ୟ ଓ ବନ୍ୟଜନ୍ତୁ ପ୍ରାକୃତିକ ବିଭବ, ସଭ୍ୟତା, ସଂସ୍କୃତିର ସୁରକ୍ଷା ନିମିତ୍ତ ଜଙ୍ଗଲ ଓ ବନ୍ୟ ପ୍ରାଣୀମାନଙ୍କର ସଂରକ୍ଷଣ ଅତି ଜରୁରୀ ହୋଇପଡ଼ିଛି। ସେଥିପାଇଁ ୧୯୮୩ ମସିହାରେ କେନ୍ଦ୍ର ସରକାର 'ନ୍ୟାସନାଲ ୱାଇଲଡ୍ ଆକ୍ସନ ପ୍ଲାନ' ଯୋଜନା କାର୍ଯ୍ୟକାରୀ କରୁଅଛନ୍ତି। ସରକାରଙ୍କ କଠୋର ଆଇନଗତ ପଦକ୍ଷେପ, ବନ କର୍ମଚାରୀମାନଙ୍କ ସାଧୁତା ଓ ନିଷ୍କପଟ କର୍ତ୍ତବ୍ୟପରାୟଣତା ଯୋଗୁ ପ୍ରାକୃତିକ ସମ୍ପଦର ସୁରକ୍ଷା ହୋଇପାରିବ।

# ରତ୍ନାବଳୀ ଶକ୍ତିପୀଠ, ପର୍ଶ୍ଚିମବଙ୍ଗ

ଦେବୀ ଭାଗବତ ପୁରାଣରେ ୧୦୮, କାଳିକା ପୁରାଣରେ ୨୬, ଶିବଚରିତରେ ୫୧, ଦୁର୍ଗାଶପ୍ତସତୀ ଏବଂ ତନ୍ତ୍ର ଚୂଡ଼ାମଣିରେ ଭାରତୀୟ ଉପମହାଦେଶରେ ଥିବା ଶକ୍ତିପୀଠ ଗୁଡ଼ିକର ସଂଖ୍ୟା ୫୨ ବୋଲି କୁହାଯାଇଛି। ମାତ୍ର ଶକ୍ତିପୀଠ ସଂଖ୍ୟା ୫୧ଟି ବୋଲି କେତେକ ମତ ଦିଅନ୍ତି। ତେବେ ତନ୍ତ୍ର ଚୂଡ଼ାମଣିରେ ୫୨ ଟି ଶକ୍ତିପୀଠ ସଂପର୍କରେ କୁହାଯାଇଛି। ଏହି କ୍ରମରେ ମାତା ସତୀଙ୍କ ଶକ୍ତିପୀଠ ମାନଙ୍କ ମଧ୍ୟରେ "ରତ୍ନାବଳୀ ଶକ୍ତିପୀଠ" ଅନ୍ୟତମ। ଏହି ଶକ୍ତିପୀଠ ହିନ୍ଦୁ ମାନଙ୍କର ପ୍ରମୁଖ ଧାର୍ମିକ ସ୍ଥଳ ଭାବେ ବେଶ୍ ପରିଚିତ। ପର୍ଶ୍ଚିମବଙ୍ଗ ରାଜ୍ୟର ହୁଗୁଳି ଜିଲ୍ଲାର ଖାନକୁଲ-କୃଷ୍ଣନଗର ରତ୍ନାକର ନଦୀ କୂଳରେ ଏହି ମନ୍ଦିର ଅବସ୍ଥିତ। ଏହା "ରତ୍ନାବଳୀ ଶକ୍ତିପୀଠ" ଭାବରେ ପରିଚିତ। ତେବେ "ରତ୍ନାବଳୀ ଶକ୍ତିପୀଠ"ର ସଠିକ୍ ସ୍ଥାନକୁ ନେଇ ଏବେ ମଧ୍ୟ ମତଭେଦ ରହିଛି। ଅର୍ଥାତ୍ ଶକ୍ତିପୀଠର ସଠିକ୍ ସ୍ଥାନ ଅଜ୍ଞାତ। ଏହି ଶକ୍ତିପୀଠ ସାରା ଭାରତରେ ବିଖ୍ୟାତ।



ହିନ୍ଦୁ ପୁରାଣ ଶାସ୍ତ୍ର ଅନୁଯାୟୀ ବ୍ରହ୍ମାଣ୍ଡ ସରଂଚନା ପାଇଁ ଭଗବାନ ବ୍ରହ୍ମା, ଭଗବାନ ମହାଦେବ ଓ ଭଗବାନ ବିଷ୍ଣୁ ତାଙ୍କର ତଥା କଥିତ ମାତା ଆଦିଶକ୍ତିଙ୍କୁ ସନ୍ତୁଷ୍ଟି ପାଇଁ ଏକ ଯଜ୍ଞର ଆୟୋଜନ କଲେ। ମା'ଶକ୍ତି ମଧ୍ୟ ଏଥିରେ ବ୍ରହ୍ମାଙ୍କୁ ସହଯୋଗ ଦେଲେ। ତେବେ ବ୍ରହ୍ମାଙ୍କ ପୁତ୍ର ଦକ୍ଷରାଜ ପିତାଙ୍କ ନିର୍ଦ୍ଦେଶରେ ମା' ଶକ୍ତିଙ୍କୁ ନିଜର ଝିଅ ରୂପରେ ପାଇବାକୁ ବିଭିନ୍ନ ଯଜ୍ଞ ଆଦି ଉପାସନା କଲେ। ଶେଷରେ ମା'ଶକ୍ତି ମାନବ ରୂପରେ ଜନ୍ମ ନେଲେ। ଏହା ପଛରେ ବ୍ରହ୍ମାଙ୍କର ଉଦ୍ଦେଶ୍ୟ ଥିଲା ଯେ, ଭଗବାନ ଶିବଙ୍କ ସହ ଶକ୍ତିଙ୍କର ମିଶ୍ରଣ କରାଇ ସୃଷ୍ଟି ସଂରଚନା କରିବା ପାଇଁ। ସେଥିପାଇଁ ସେ ତାଙ୍କର




ନାମକରଣ କରିଥିଲେ ସତୀ। ମାତ୍ର କୌଣସି ପ୍ରକାର ମାତା ସତୀଙ୍କୁ ଶିବ ବିବାହ କରି କୈଳାଶ ପର୍ବତ ନେଇଗଲେ। ଏହା ଜାଣିପାରି ଦକ୍ଷଙ୍କ ରାଗ ଚରମ ସୀମାରେ ପହଂଚିଗଲା। ଶିବଙ୍କୁ ସବୁ ଦେବୀ ଦେବତାଙ୍କ ସାମ୍ନାରେ ଅପମାନିତ କରିବା ପାଇଁ ଦକ୍ଷ ମୁନିମଣ୍ଡଳ ଠାରେ ଏକ ଯଜ୍ଞର ଆୟୋଜନ କଲେ। ଝିଅ ସତୀ ଓ ଜ୍ୱାଇଁ ଶିବଙ୍କୁ ନିମନ୍ତ୍ରଣ କଲେ ନାହିଁ। ଏଥିରେ ନିଜକୁ ଅପମାନିତ ବୋଧ କରି ସତୀ ସ୍ୱଂୟ ବାପାଙ୍କ ଯଜ୍ଞ ସ୍ଥଳରେ ପହଂଚି ଯାହା ଦେଖିଲେ ଆଖିକୁ ବିଶ୍ୱାସ କଲେ ନାହିଁ। ବାପା ଦକ୍ଷ କିଛି ଆଦର ଗଉର ନକରି ଝିଅ ଜ୍ୱାଇଁଙ୍କୁ ଅପମାନ ସୂଚକ ଶବ୍ଦ ସବୁ ଶୁଣାଇଲେ। ସେହିକ୍ଷଣି ବାପାଙ୍କ ଅପମାନକୁ ସହ୍ୟ କରି ନପାରି ମାତା ସତୀ ଅଗ୍ନି କୁଣ୍ଡରେ ଆତ୍ମଦାହ କଲେ। ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣି ସେଠାରେ ପହଞ୍ଚିଲେ ଓ ଗଭୀର ଦୁଃଖରେ ସତୀଙ୍କ ମର ଶରୀର ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ଏହାଦ୍ୱାରା ସାରା ବ୍ରହ୍ମାଣ୍ଡ ପ୍ରକମ୍ପିତ ହୋଇ ଉଠିଲା। ସବୁଆଡ଼େ ଚାଲିଲା ଧ୍ୱଂସଲୀଳା। ଦେବଦେବୀମାନେ ଏହାର ସମାଧାନ ବା ଭଗବାନ ଶିବଙ୍କ କ୍ରୋଧକୁ ଶାନ୍ତ କରିବା ପାଇଁ କିଛି ଉପାୟ ବାହାର କରିବାକୁ ଭଗବାନ ବ୍ରହ୍ମା ଓ ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଧ୍ୱଂସଲୀଳା ବନ୍ଦ କରି ବ୍ରହ୍ମାଣ୍ଡରେ ଶାନ୍ତି ସ୍ଥାପନ ପାଇଁ ଭଗବାନ ବ୍ରହ୍ମା ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଭଗବାନ ବିଷ୍ଣୁ ଅନୁଭବ କଲେ ଯେ, ଯେପର୍ଯ୍ୟନ୍ତ ଭଗବାନ ଶିବଙ୍କ ହସ୍ତରୁ ମାତା



ସତୀଙ୍କ ମର ଶରୀର ଅଲଗା ହୋଇନାହିଁ, ସେପର୍ଯ୍ୟନ୍ତ ଭଗବାନ ଶିବ ଶାନ୍ତ ହେବେ ନାହିଁ କି ବ୍ରହ୍ମାଣ୍ଡ ଧ୍ୱଂସାଭିମୁଖିରୁ ବର୍ତ୍ତିବ ନାହିଁ। ଏଣୁ ବ୍ରହ୍ମାଣ୍ଡ ରକ୍ଷା ପାଇଁ ସଙ୍ଗେସଙ୍ଗେ ଭଗବାନ ଶିବ ଧରିଥିବା ମାତା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ଭଗବାନ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ।

କିଛିକ୍ଷଣ ମଧ୍ୟରେ ସୁଦର୍ଶନ ଚକ୍ର ମା'ସତୀଙ୍କ ଶରୀରକୁ ଖଣ୍ଡ ବିଖଣ୍ଡିତ କରିଦେଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ଅନେକ ସ୍ଥାନରେ ବିଞ୍ଚିହୋଇ ପଡ଼ିଲା। ଦୁଃଖରେ ମ୍ରିୟମାଣ ଭଗବାନ ଶିବ ସତୀଙ୍କ ବିଖଣ୍ଡିତ ଅଙ୍ଗ ଖୋଜିବା ଆରମ୍ଭ କଲେ। ଏଥିରେ ସହାୟତା କଲେ ଭଗବାନ ଭୈରବ। ସର୍ବ ଶେଷରେ ମାତା ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସମେତ ସମସ୍ତ ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡ ଗୁଡ଼ିକୁ ସୁରକ୍ଷା ଦେବାକୁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ଭଗବାନ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନ ଗୁଡ଼ିକୁ ଭଗବାନ ବ୍ରହ୍ମା, ଭଗବାନ ବିଷ୍ଣୁ ଓ ଭଗବାନ ଶିବ ମିଶି ଶକ୍ତି ପୀଠର ମାନ୍ୟତା ଦେଲେ।

"ରତ୍ନାବଳୀ ଶକ୍ତିପୀଠ"ରେ ମାତା ସତୀଙ୍କର ଡ଼ାହାଣ କାନ୍ଧ ଖଣ୍ଡ ପଡ଼ିଥିଲା। ଏଠାରେ ମାତା ଶକ୍ତିଙ୍କୁ 'କୁମାରୀ' ରୂପରେ ପୂଜା କରାଯାଏ ଏବଂ ଭଗବାନ ଶିବଙ୍କୁ 'ଭୈରବ'



ରୂପରେ ପୂଜା କରାଯାଏ। ଏହି ଶକ୍ତିପୀଠରେ ବର୍ଷ ସାରା ବିଭିନ୍ନ ପର୍ବ ପର୍ବାଣୀ ଧୂମଧାମ୍‌ରେ ପାଳିତ ହୋଇଥାଏ। ବିଶେଷତଃ ଦୁର୍ଗା ପୂଜା ଓ ପବିତ୍ର ନବରାତ୍ର ଉତ୍ସବ ଏଠାରେ ଧୂମଧାମରେ ପାଳନ କରାଯାଏ। ମନ୍ଦିରର ଆଧ୍ୟାତ୍ମିକ ପରିବେଶ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ମନ, ପ୍ରାଣ ଓ ହୃଦୟ କୁ ଶାନ୍ତି ପ୍ରଦାନ କରିଥାଏ।

ବର୍ଷର ସବୁ ସମୟରେ ମାତାଙ୍କର ଏହି ଶକ୍ତିପୀଠରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଥାଏ। ଦେବୀଙ୍କର ମନ୍ଦିରର ଅପରୂପ ଶୋଭା ଦେଖିବା ଭଳି ହୋଇଥାଏ। ଏଥିପାଇଁ ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ ମୁଖ୍ୟତଃ ମାତାଙ୍କୁ ପୂଜା କରିବାକୁ ଏଠାକୁ ଆସିଥାନ୍ତି। ଏଠାକାର ପୂଜାବିଧିର ପ୍ରତ୍ୟେକ କାର୍ଯ୍ୟକ୍ରମ ଖୁବ୍ ଆନନ୍ଦ ଦାୟକ ଓ ମନୋରମ।

ନବରାତ୍ର ସମୟରେ ଏଠାକାର ପରିବେଶ ଖୁବ୍ ଆକର୍ଷକ ଓ ଶକ୍ତିମୟ ହୋଇଯାଏ। ଏହି ସମୟରେ ମନ୍ଦିର ପ୍ରାଙ୍ଗଣରେ ଶକ୍ତିଙ୍କୁ ଆରାଧନା କରାଯାଏ। ଏହି ସମୟରେ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ମାତାଙ୍କ ଦର୍ଶନ ପାଇଁ ଏକତ୍ରିତ ହୁଅନ୍ତି।

**କେମିତି ଯିବେ:** (୧) ନିକଟସ୍ଥ ରେଳ ଷ୍ଟେଷନ୍ ଠାରୁ ମାତ୍ର ୭୩.୬ କିମି ଦୂରରେ "ରତ୍ନାବଳୀ ଶକ୍ତିପୀଠ" ଅବସ୍ଥିତ। (୨)ନିକଟସ୍ଥ ନେତାଜୀ ସୁବାଶଚନ୍ଦ୍ର ବିମାନ ବନ୍ଦର ଠାରୁ ମାତ୍ର ୭୭.୮ କିମି ଦୂରରେ "ରତ୍ନାବଳୀ ଶକ୍ତିପୀଠ" ଅବସ୍ଥିତ। ପ୍ରତିଦିନ ମନ୍ଦିର ସକାଳ ୫.୩୦ରୁ ଖୋଯାଏ ଓ ରାତି ୧୦ଟାରେ ବନ୍ଦ ହୁଏ।

## ଉତ୍କଳମଣି ଗୋପବନ୍ଧୁଙ୍କ ସେବା ଓ ତ୍ୟାଗ ଅତୁଳନୀୟ

ରାଉରକେଲା (ପିଏନ୍): ମହାନ ସ୍ୱାଧୀନତା ସଂଗ୍ରାମୀ, ସମାଜ ସଂସ୍କାରକ ତଥା ଓଡିଶା ପ୍ରଦେଶ କଂଗ୍ରେସର ପ୍ରଥମ ସଭାପତି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କର ସେବା ଓ ତ୍ୟାଗ ଅତୁଳନୀୟ ବୋଲି ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ କୁହାଯାଇଛି। ଗତ ୯ ତାରିଖରେ ପଣ୍ଡିତଜୀଙ୍କ ଜନ୍ମଜୟନ୍ତୀ ଅବସରରେ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସର ଉପସଭାପତି ଯଜ୍ଞେଶ୍ୱର ବାବୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଣ୍ଡିତଜୀଙ୍କ ସ୍ମୃତିଚାରଣ କରିଥିଲେ। ଜିଲ୍ଲା କଂଗ୍ରେସର ଅନ୍ତରୀଣ ସଭାପତି ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଗୋପବନ୍ଧୁପାଲ୍ଲୀଠାରେ ଅବସ୍ଥିତ ପଣ୍ଡିତଜୀଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ଏହି ଶ୍ରଦ୍ଧାଂଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରୀ ବାବୁ ଯୋଗଦେଇ ପଣ୍ଡିତଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ଉପସ୍ଥିତ କଂଗ୍ରେସ କର୍ମୀମାନଙ୍କୁ ସମ୍ବୋଧିତ କରିଥିଲେ। ଶ୍ରୀ ବାବୁ ତାଙ୍କ ବକ୍ତବ୍ୟରେ ଗୋପବନ୍ଧୁ ଦାସ ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ବୋଲି ଉଲ୍ଲେଖ କରି ତାଙ୍କ ସେବା ଓ ତ୍ୟାଗର ତୁଳନା ନାହିଁ ବୋଲି କହିଥିଲେ। ତାଙ୍କ ସେବା, ତ୍ୟାଗ ଓ ସଂଘର୍ଷର କାହାଣୀକୁ ଅନୁଶୀଳନ କଲେ ସେ ଉତ୍କଳମଣି କାହିଁକି ଭାରତମଣି ପାଇଁ ସେ ଯୋଗ୍ୟ ଥିଲେ ବୋଲି କହିଥିଲେ। ତେଣୁ ତାଙ୍କ ନୀତି ଓ ଆଦର୍ଶକୁ ପାଥେୟ କରି କଂଗ୍ରେସ କର୍ମୀମାନେ ନିଷ୍ଠାର ସହିତ ସାଧାରଣ ଲୋକଙ୍କ ସେବାରେ ନିଜକୁ ନିୟୋଜିତ କଲେ ସେମାନଙ୍କ ନେତୃତ୍ୱ ବିକଶିତ ହେବା ସହିତ କଂଗ୍ରେସକୁ ସାଧାରଣ ଲୋକଙ୍କ ଆସ୍ଥାଭାଜନ କରାଇପାରିବେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସଭାପତି ବିରେନ ସେନାପତି, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ପ୍ରଭାତୀ ମିଶ୍ର, ସବୀର ହୁସେନ ଓ ରବି ରାୟ, ଜିଲ୍ଲା କଂଗ୍ରେସର ମୁଖପାତ୍ର ଆର୍‌ପି ସିଂହ, ଯୁବ ସଭାପତି ଜ୍ଞାନେନ୍ଦ୍ର ଦାସ, ବ୍ଲକ୍ ସଭାପତି ସୁନୀଲ ପଟ୍ଟନାୟକ, କାର୍ଯ୍ୟନିର୍ବାହୀ ସଦସ୍ୟ ରୁକସାନା ବେଗମ, ଦିଲ୍ଲୀପ ଜେନା, ଗୀତା ସିଂହ, ବରିଷ୍ଠ ନେତା ଇନ୍ଦ୍ରମୋହନ ପଣ୍ଡା, ସମ୍ପାଦିକା ପ୍ରତିମା ପାଣିଗ୍ରାହୀ, ରେହେମାନ ଖାନ, ଝୁନୁ ପଟ୍ଟନାୟକ, ବିଜୟ ପଟ୍ଟନାୟକ, ସେକ ସମୀର, ସେବାଦଳର ବୁଲୁ ଦାସ ପ୍ରମୁଖ ଉପସ୍ଥିତ ରହି ପଣ୍ଡିତଜୀଙ୍କୁ ଶ୍ରଦ୍ଧାଂଜଳି ଅର୍ପଣ କରିଥିବା ବେଳେ ଉପସଭାପତି କୀର୍ତ୍ତନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେଭିଡ ପ୍ରଧାନ, ଶ୍ୟାମସୁନ୍ଦର ସାମନ୍ତ, ବିବେକ ସାହୁ, ପ୍ରଦୀପ ବେହେରା, ଧର୍ମେନ୍ଦ୍ର ସିଂହ, ଓବିସି ଅଧ୍ୟକ୍ଷ ତ୍ରୈଲୋଚନ ସାହୁ, ଇନ୍‌ଟକ ଅଧ୍ୟକ୍ଷ ନିହାର ଦାସ, ବିପିନ ଠାକୁର ପ୍ରମୁଖଙ୍କ ସମେତ ବହୁ କଂଗ୍ରେସ କର୍ମୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି।

## ପୁରୁଣା ଗଳିପୋଲ କାନ୍ଥ ଭାଙ୍ଗୁନି ଠିକାସଂସ୍ଥା

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜାରକାର ପୁରୁଣା ଗଳିପୋଲ କାନ୍ଥକୁ ଭାଙ୍ଗି ପାରୁନି ୧୬ ନମ୍ବର ଜାତୀୟ ରାଜପଥ ସଂପ୍ରସାରଣ କରୁଥିବା ଡିବିଏଲ୍ ଠିକାସଂସ୍ଥା। ଫ୍ଲାଇ ଓଭର ସରିବାକୁ ବସିଲାଣି, ହେଲେ ପୁରୁଣା କାନ୍ଥ କେବେ ଭଙ୍ଗା ହେବ ଏହାର ଉତର କାହା ପାଖରୁ ମିଳୁନି। ତେବେ ଉକ୍ତ କାନ୍ଥ ଅତ୍ୟନ୍ତ ମଜବୁତ ହୋଇଥିବାରୁ ଠିକାସଂସ୍ଥା ଏହାକୁ କୁଆଡ଼େ ଭାଙ୍ଗି ପାରିଲା ନାହିଁ। ଏପରିକି ଏହା ଭଙ୍ଗାଯିବନାହିଁ ବୋଲି ନିଷ୍ପତି ହୋଇଥିବା ଚର୍ଚ୍ଚା ହେଉଛି। ନୂଆ କାନ୍ଥ ପାଖରେ ଅନ୍ୟ ଏକ ପୁରୁଣା ଭଙ୍ଗା



କାନ୍ଥ ଥିବାରୁ ଏହା ଅସୁନ୍ଦର ଦେଖାଯାଉଛି। କାମ ସଂପୂର୍ଣ୍ଣ ହେବା ପୂର୍ବରୁ ପୁରୁଣା କାନ୍ଥକୁ ଭାଙ୍ଗିଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏପଟେ ତିନିବର୍ଷ ହେଲା ଜାରକା ବଜାର ଅଞ୍ଚଳରେ ନା' ସରି ପାରୁଛି ଜାତୀୟ ରାଜପଥ ସଂପ୍ରସାରଣ, ନା' ଶେଷ ହେଉଛି ଫ୍ଲାଇ ଓଭର ନିର୍ମାଣ! ସେହିପରି ନିକଟରେ ଅନ୍ୟ ଏକ ଗଳିପୋଲ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ତାହା ବନ୍ଦ ହୋଇ ପଡ଼ିଛି। ଏହା ଖୋଲାଗଲେ ଅଞ୍ଚଳବାସୀ ଓ ବ୍ୟବସାୟୀମାନଙ୍କ ଯାତାୟାତରେ ସୁବିଧା ହେବା ସହିତ ବ୍ୟବସାୟ ବୃଦ୍ଧି ହୋଇପାରନ୍ତା ବୋଲି କୁହାଯାଉଛି। ଜାତୀୟ ରାଜପଥ ସଂପ୍ରସାରଣ କାର୍ଯ୍ୟ ଚାଲିଥିବାରୁ ମୁଖ୍ୟ ରାସ୍ତା ବଦଳରେ ଦୁଇବର୍ଷ ହେଲା ଆପ୍ରୋଚ୍ ରୋଡ୍‌ରେ ଗାଡିମୋଟର ଚଳପ୍ରଚଳ କରୁଛି। ଟିକେ ଅସାବଧାନ ହେଲେ ଜୀବନ ଚାଲିଯିବାର ଭୟ। ସ୍କୁଲ୍, କଲେଜ୍ ଛାତ୍ରଛାତ୍ରୀମାନଙ୍କ ପାଇଁ ରାଜପଥ ପାର ହେବା ବଡ଼ ସମସ୍ୟା ସୃଷ୍ଟି କରିଛି। ନିର୍ମାଣାଧୀନ ଫ୍ଲାଇ ଓଭର ନିକଟରେ ଠିକାସଂସ୍ଥା କର୍ମଚାରୀ ଟ୍ରାଫିକ୍ ନିୟନ୍ତ୍ରଣ କରୁଥିଲେ ମଧ୍ୟ ଡ୍ରାଇଭରଙ୍କ ବେପରୁଆ ଗାଡିଚାଳନା ଅନେକ ସମୟରେ ଦୁର୍ଘଟଣାର କାରଣ ପାଲଟୁଛି। ଜାରକା ନିକଟ ବ୍ରାହ୍ମଣୀ ବ୍ରିଜ୍‌ଠାରୁ ରଥିଆ ଛକ ପର୍ଯ୍ୟନ୍ତ ଜାତୀୟ ରାଜପଥ ଏବେ ମୃତ୍ୟୁଯନ୍ତା ପାଲଟିଛି। ସେହିପରି ଅଣଚଉଡ଼ା ଆପ୍ରୋଚ୍ ରୋଡ୍ ଏବେ ବସଷ୍ଟାଣ୍ଡ ପାଲଟିଛି। ଦୁଇ ଲାଇନ୍‌ରେ ଗାଡ଼ି ଚାଲିଥିବାରୁ ଅପେକ୍ଷାରତ ବସ୍‌ଯାତ୍ରୀମାନଙ୍କୁ ଠିଆ ହେବାପାଇଁ ଜାଗା ଟିକେ ମିଳୁନାହିଁ। ଯାତ୍ରୀ ନେବା ପାଇଁ କିମ୍ବା ଓହ୍ଲାଇବା ପାଇଁ ବସ୍‌ଟିଏ ରାସ୍ତା ଉପରେ କିଛିକ୍ଷଣ ଛିଡ଼ା ହୋଇଗଲେ ସାଙ୍ଗେ ସାଙ୍ଗେ ପଛକୁ ପଛ ଗାଡିମୋଟରର ଲମ୍ବା ଲାଇନ୍ ଲାଗିଯାଉଛି। ଅସଂଖ୍ୟ ଗାଡିମୋଟର ଚଳାଚଳ କରୁଥିବାରୁ ଟ୍ରାଫିକ୍ ସମସ୍ୟା ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି। କେଉଁଠି ବସ୍‌ଷ୍ଟାଣ୍ଡ ହେବ ତାହା ମଧ୍ୟ ନିଷ୍ପତି ହୋଇପାରିନାହିଁ। ବିଶ୍ରାମାଗାର କିମ୍ବା ପରିସ୍ରାଗାର ନଥିବାରୁ ମହିଳା ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ରାଜପଥ ନିର୍ମାଣ ଓ ଜାରକା ଫ୍ଲାଇ ଓଭର କେବେ ସରିବ ଏବଂ ଏମିତି ବିପଦରେ ଲୋକେ କେତେଦିନ ଯାତାୟାତ କରୁଥିବେ, ଏହାକୁ ନେଇ ଅଞ୍ଚଳବାସୀ ସନ୍ଦିହାନ ଅଛନ୍ତି। ମୁଖ୍ୟମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

## ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୪, ଜାନୁଆରୀ ୨୪

# ଅମର ନେତାଜୀ



ଭାସ୍କର ବାରିକ୍

ଭାରତୀୟ ସ୍ୱାଧୀନତା ସଂଗ୍ରାମର ରକ୍ତାକ୍ତ ପୃଷ୍ଠଭୂମିରେ ସେ ଏକ ଝଡ଼ର ଇଗଲ, ଏକ ଦୁର୍ଦ୍ଦାନ୍ତ ଘୂର୍ଣ୍ଣିଝଡ ଓ ବିତର୍କର ଭୟଙ୍କର ବାତ୍ୟା ଯାହାଙ୍କର' ଦିଲ୍ଲୀ ଚ଼ଲୋ' ଓ 'ଜୟ ହିନ୍ଦ୍' ର ସିଂହ ଗର୍ଜନରେ ପ୍ରକମ୍ପିତ ହୋଇଛି ମାଟି ,ପାଣି ,ପବନ ଆକାଶ । ଜୀବନର ସମସ୍ତ ସୁଖ ସ୍ୱାଛନ୍ଦକୁ ଏଡେଇ ଦେଇ ଇଂରେଜ ଶାସନରୁ ଦେଶକୁ ମୁକ୍ତ କରିବା ପାଇଁ ଯେଉଁମାନେ ଅକଥନୀୟ ଯନ୍ତ୍ରଣା ସହି ଭାରତର ସ୍ୱାଧୀନତା ଯଜ୍ଞରେ ନିଜର ପ୍ରତିଟି ରକ୍ତ ବିନ୍ଦୁକୁ ଆହୁତି ଦେଇଥିଲେ ,ସେମାନଙ୍କ କଥା ଉଠିଲେ , ସେହି ବୀର ମାନଙ୍କ ଭିତରୁ ବିସ୍ମୟକର ବ୍ୟକ୍ତିତ୍ୱ ବୀରଯୋଦ୍ଧା ନେତାଜୀ ସୁବାଷଚ଼ନ୍ଦ୍ର ବୋଷଙ୍କ ନାମ ଆଗରେ ଆସେ । 'ମୋତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି', । ଭାରତର ପାଦରୁ ପରାଧିନତା ବେଡ଼ିକୁ କାଢ଼ି ବହୁ ଦୂରକୁ ଫିଙ୍ଗି ଦେବାର ପ୍ରୟାସ ଓ ଶତ ସିଂହର ଗର୍ଜନ ସହିତ ଏମିତି ଆହ୍ୱାନ କେବଳ ବୀର ସୁବାଷ ବୋଷ ହିଁ ଦେଇ ପାରନ୍ତି । ଗାନ୍ଧୀ ଅହିଂସାର କଥା କହୁଥିଲା ବେଳେ , ସୁବାଷ ଆପଣେଇ ଥିଲେ ରକ୍ତାକ୍ତ ସଂଘର୍ଷର ପଥ । ସାପ ପାଟିରେ ଥିବା ବେଙ୍ଗକୁ ସାପ କେବେବି ଛାଡିବନି ବିଚ଼ରା ବେଙ୍ଗ ଯେତେ କାକୁତି ମିନତି କରୁ । ବିଶ୍ୱରେ ପରାଧିନତାର ବେଡ଼ିରେ ବନ୍ଧା ପଡିଥିବା କୌଣସି ଦେଶ ବିନା ରକ୍ତପାତରେ କେବେ ସ୍ୱାଧୀନତା ପାଇଛନ୍ତି କି ? ଆମ ଦେଶ ଭାରତ ଯଦି ସଂପୁର୍ଣ୍ଣ ଅହିଂସା ବଳରେ ସ୍ୱାଧିନତା ହାସଲ କରିଛି , ଭଗତ୍ ସିଂ ଙ୍କ ଭଳି ଅନେକ ଯୁବକ କଅଁଳ ବୟସରେ କାହିଁକି ଫାଶୀ ଖୁଣ୍ଟରେ ଝୁଲିଲେ ? କ'ଣ ପାପ କରିଥିଲେ ବାଜି ରାଉତ, ଖୁଦିରାମ ବୋଷ ? ଆଉ ଯେଉଁମାନଙ୍କର ଜୀବନ କାରାଗାରରେ ଅବା ନିର୍ବାସନ ଦଣ୍ଡରେ ଛାରଖାର ହୋଇଗଲା , ସେମାନଙ୍କ ତ୍ୟାଗର ମୂଲ୍ୟାୟନ କେବେ ହେଇଛି କି ? ଅପ୍ରିଲ୍ ୧୩, ୧୯୧୯ ରେ ଅମ୍ରିତସରର ଜାଲିଆନାୱାଲାବାଗରେ ଯେଉଁ ଶହ ଶହ ନିରସ୍ତ୍ର ଦେଶପ୍ରେମୀ ଇଂରେଜମାନଙ୍କ ଗୁଳି ମାଡରେ ସେଇଠି ଟଳି ପଡ଼ିଲେ ଅବା ପଙ୍ଗୁ ହେଇଗଲେ, ସେ ବିଷୟରେ କିଏ କହିବ ? ସେପ୍ଟେମ୍ବର ୨୮, ୧୯୪୨ ରେ ଓଡ଼ିଶାର ରକ୍ତ ତୀର୍ଥ ଇରମରେ ଘଟିଥିବା ଦ୍ୱିତୀୟ ଜାଲିଆନାୱାଲାବାଗ ଭଳି ରକ୍ତାକ୍ତ କାଣ୍ଡକୁ କିଏ ଭୁଲି ପାରିବ ? ସେଦିନ ପାଖାପାଖି ପାଂଚ଼ ହଜାର ନିରସ୍ତ୍ର ଲୋକ ଏକତ୍ରିତ ହୋଇଥିଲେ ଇରମରେ। ଇଂରେଜ ସରକାରଙ୍କ ନିର୍ଦ୍ଦେଶରେ ଡିଏସପି କୁଞ୍ଜବିହାରୀ ମହାନ୍ତିଙ୍କ ନେତୃତ୍ୱରେ ଆରମ୍ଭ ହେଲା ଗୁଳିମାଡ । ୨୯ ରୁ ଅଧିକ ଦେଶପ୍ରେମୀ ପ୍ରାଣ ହରେଇଲେ , କେତେ ଯେ ଆହତ,ପଙ୍ଗୁ ହେଲେ , ତା'ର ସଠିକ୍ ମିଳିବା କଷ୍ଟ । ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଏ ଲୋକମାନେ ଇଂରେଜ ସରକାର ବିରୋଧରେ ଏକତ୍ରିତ ହୋଇଥିଲେ । ମାତ୍ର ଅହିଂସାର ଫଳ ମିଳିଲା ନିଷ୍ଠୁର ହିଂସାକାଣ୍ଡରେ, ଭିଜିଲା ଇରମର ମାଟି ମଣିଷର ତାଜା ରକ୍ତରେ । ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଅହିଂସାର ମନ୍ତ୍ର ଆପଣେଇ ନେଇଥିଲା ଭାରତ । କିନ୍ତୁ ଗାନ୍ଧିଜୀଙ୍କ ଚି଼ନ୍ତାଧାରା ଓ ଦୃଷ୍ଟିଭଙ୍ଗୀ ଓ ସୁବାଷ ବୋଷଙ୍କ ଚି଼ନ୍ତାଧାରା ଭିତରେ ଫରକ୍ ଅନେକ । ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଗାନ୍ଧିଜୀଙ୍କ ଅହିଂସା ମନ୍ତ୍ରର ଅବଦାନ ଅତୁଳନୀୟ, କିନ୍ତୁ ଯେଉଁମାନେ ହିଂସାର ପଥରେ ଚ଼ାଲି ଭାରତକୁ ସ୍ୱାଧିନ କରିବାକୁ ଚେଷ୍ଟା କରିଛନ୍ତି , ସେମାନଙ୍କ ତ୍ୟାଗ ଓ ବଳିଦାନକୁ ଅଣଦେଖା କରାଯାଇ ପାରିବନି । ଏହି ମହାନ ତ୍ୟାଗ ଓ ବଳିଦାନର ଏକ ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ସୁବାଷ ବୋଷ । ଜୀବନର ପ୍ରଥମ ଥର ଭାରତୀୟ ଜାତୀୟ କଂଗ୍ରେସର ସଭାପତି ହୋଇଥିଲେ ସୁବାଷ ବୋଷ ୧୯୩୮ ରେ । ଦ୍ୱିତୀୟ ଥର ପାଇଁ ୧୯୩୯ ରେ ଗାନ୍ଧିଜୀଙ୍କ ମନୋନୀତ ପ୍ରାର୍ଥୀ ପଟ୍ଟାଭି ସିତାରମେୟା ଙ୍କୁ ପରାସ୍ତ କରିଥିଲେ ସୁବାଷ ବୋଷ । ଏଥିରୁ ବୁଝାପଡେ କଂଗ୍ରେସ ଭିତରେ ସୁବାଷ ବୋଷଙ୍କ ଲୋକପ୍ରିୟତା ଓ ପ୍ରାଧାନ୍ୟ କେତେ ଥିଲା । କିନ୍ତୁ ପରେ ପରିସ୍ଥିତି ନିୟନ୍ତ୍ରଣାଧୀନ ବାହାରକୁ ଯାଉଥିବା ଅନୁଭବ କରି ଇସ୍ତଫା ଦେଇଥିଲେ କଂଗ୍ରେସର ସଭାପତି ପଦରୁ । ଗଢିଥିଲେ ଫରୱାର୍ଡ ବ୍ଲକ । ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଭାରତ ଇଂରେଜମାନଙ୍କ ସପକ୍ଷରେ ଲଢିବ ବୋଲି ତତ୍କାଳୀନ ଗଭର୍ଣ୍ଣର ଜେନେରାଲ ଲିନ୍‌ଥିଗୋ ଘୋଷଣା କଲେ । ଗାନ୍ଧିଜୀଙ୍କ ଆଶା ଥିଲା ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଯଦି ଭାରତ ଇଂରେଜମାନଙ୍କ ସପକ୍ଷରେ ଲଢେ, ତାହେଲେ ଇଂରେଜ ସରକାର ଆନୁଗତ୍ୟତା ଦେଖେଇ ଭାରତକୁ ମୁକ୍ତ କରିଦେବ । କିନ୍ତୁ ଏହି ଚି଼ନ୍ତାଧାରାର ଘୋର ବିରୋଧୀ ଥିଲେ ସୁବାଷ ବୋଷ । ଏ ଘଟଣାକୁ ନେଇ ଗାନ୍ଧୀ ଓ ସୁବାଷଙ୍କ ଭିତରେ ବଢ଼ିଛି ଆହୁରି ଦୂରତା । ୧୯୪୧, ଜାନୁଆରୀ ୧୭ ତାରିଖ ରାତି ଅଧରେ ଲମ୍ବା ଦାଢ଼ି ରଖି ଏକ ଲମ୍ବା କୋଟ୍ ପିନ୍ଧି ଜଣେ ମୁସଲମାନ ବେଶରେ ଦେଶ ଛାଡ଼ି ଚ଼ାଲି ଯାଇଛନ୍ତି ବିଦେଶକୁ । କାବୁଲ ଦେଇ ଯାଇଛନ୍ତି ମସ୍କ ? । ମସ୍କ ?ରେ ପାଇ ନାହାଁନ୍ତି ବିଶେଷ କିଛି ସଫଳତା । ମସ୍କ ?ରୁ ଯାଇଛନ୍ତି ଜର୍ମାନୀ। ବିତେଇଛନ୍ତି ଏକ ବର୍ଷରୁ ଅଧିକ ସମୟ ଜର୍ମାନୀରେ । ଭେଟିଛନ୍ତି ଆଡଲଫ ହିଟଲିରଙ୍କୁ । ତାଙ୍କର ରହିବାର ସମସ୍ତ ବ୍ୟବସ୍ଥା କରିଛନ୍ତି ଜର୍ମାନୀର ସରକାର । ଜର୍ମାନୀରେ ବନ୍ଦୀ ଥିବା ଭାରତୀୟ ସୈନିକ ମାନଙ୍କୁ ଏକଜୁଟ କରିଛନ୍ତି ଇଂରେଜ ସରକାର ବିରୋଧରେ ସଶସ୍ତ୍ର ଲଢେଇ ପାଇଁ । ସେଇଠି ଜଣେ ଅଷ୍ଟ୍ରେଲିଆର ଝିଅ ଏମିଲ୍ ସିଙ୍କଲ ନାମକ ଝିଅର ପ୍ରେମରେ ପଡିଛନ୍ତି । ବାପା ହେଇଛନ୍ତି । ଝିଅର ନାଁ ଅନୀତା ବୋଷ ଯେ ଜର୍ମାନୀର ଜଣେ ପ୍ରତିଷ୍ଠିତ ଜଣାଶୁଣା ଅର୍ଥନୀତି ବିଶାରଦ । ତାପରେ ସ୍ତ୍ରୀ ଓ ଛୋଟ ଝିଅକୁ ଛାଡି ଚ଼ାଲି ଯାଇଛନ୍ତି ଜାପାନ । ଦେଖା ହୋଇଛି ରାସବିହାରୀ ବୋଷଙ୍କ ସହିତ । ଜାପାନ ସରକାରଙ୍କ ସହଯୋଗରେ ଦୃଢ଼ ନେତୃତ୍ୱ ଦେଇଛନ୍ତି ଆଜାଦ ହିନ୍ଦୀ ଫୌଜକୁ । ବିରାଙ୍ଗନା ରାଣୀ ଲକ୍ଷ୍ମୀବାଇ ଙ୍କ ନାମରେ ଗଠିତ ହୋଇଛି ନାରୀ ସୈନ୍ୟ ବାହିନୀ । ଆକ୍ରମଣାତ୍ମକ ଭଙ୍ଗୀରେ ବାହାଦୁର ସେନା , ଜାପାନ ସହାୟତାରେ ମାଡ଼ି ଆସିଛନ୍ତି । ପୋର୍ଟ ବ୍ଲେୟଏ ରେ ୩୦ ଡିସେମ୍ବର, ୧୯୪୩ ରେ ଉଡ଼ ?ଇଛନ୍ତି ଜାତୀୟ ପତାକା। ଆଣ୍ଡାମାନ ଦ୍ୱୀପର ନାମ ଦେଇଛନ୍ତି ସହିଦ୍ ଓ ନିକୋବର ଦ୍ୱୀପପୁଞ୍ଜର ନାମ ଦେଇଛନ୍ତି ସ୍ୱରାଜ । ଯେସାକୁ ତେସା ନୀତିରେ ଦେଶକୁ ମୁକ୍ତ କରିବାର ଆଶା ମଉଳିଯାଇଛି । ତାପରେ ତାଙ୍କ ଜୀବନର ଗତିପଥ କୁଆଡେ ଯାଇଛି, ଈଶ୍ୱର ଜାଣନ୍ତି । କିନ୍ତୁ ଏକଥା ସତ୍ୟ ଯଦି ସୁବାଷ ବୋଷଙ୍କ ସୁଚି଼ନ୍ତିତ ଶସସ୍ତ୍ର ସଂଗ୍ରାମ ଫଳବତୀ ହୋଇଥାନ୍ତା ଓ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଜାପାନ ହାରି ନଥାନ୍ତା , ତାହେଲେ ଭାରତ ଦୁଇ ତନି ବର୍ଷ ଆଗରୁ ବୋଧହୁଏ ବନ୍ଧନମୁକ୍ତ ହୋଇଥାନ୍ତା । ଏମିତି ଜଣେ ବରପୁତ୍ରଙ୍କର ଜାନୁୟାରୀ ୨୩ ,୧୮୯୭ ରେ ଓଡ଼ିଶାର କଟକ ସହରରେ ଏକ ବିତ୍ତଶାଳୀ ବେଙ୍ଗାଲୀ ପରିବାରରେ ଜନ୍ମ । ପିତା ଜାନକୀନାଥ ବୋଷ ଜଣେ ଖ୍ୟାତନାମା ଓକିଲ ଓ ମାତା ପ୍ରଭାବତୀ ବୋଷ ଜଣେ ଧର୍ମପରାୟଣା ସୁଗୃହିଣୀ । ପିତା ମାତାଙ୍କର ସୁବାଷ ଥିଲେ ନବମ ସନ୍ତାନ ଓ ଷଷ୍ଠ ପୁତ୍ର । ପିଲାବେଳୁ ସୁବାଷ ଜଣେ ମେଧାବୀ ଛାତ୍ର ହେବା ସହିତ ଖେଳକୁଦ ପ୍ରତି ଆଗ୍ରହୀ ଥିଲେ । ୧୯୧୯ ରେ ଗ୍ରାଜୁଏସନ୍ ପାଶ୍ କଲେ । କଲିକତାର ପ୍ରେସିଡେନ୍ସି କଲେଜରେ ପଢୁଥିବା ବେଳେ ତଡ଼ା ଖାଇଥିଲେ କଲେଜରୁ ତାଙ୍କର ଦେଶ ପ୍ରେମ ପାଇଁ । ଇତିହାସର ଜଣେ ପ୍ରଫେସର ଭାରତୀୟ ମାନଙ୍କ ଉପରେ କିଛି ଅରୁଚି଼କର ମନ୍ତବ୍ୟ ଦେଇଥିଲେ ଯାହାକୁ ଘୋର ବିରୋଧ କରିଥିଲେ ସୁବାଷ କିଛି ବନ୍ଧୁଙ୍କ ସହିତ ମିଶି । ପ୍ରେସିଡେନ୍ସି କଲେଜରୁ ଏକ୍ସପେଲ୍ ହେବା ପରେ ଆଡ଼ମିଶନ ନେଇଥିଲେ ସ୍କଟିଶ୍ ଚ଼ର୍ଚ଼ କଲେଜରେ । ଯାହାହେଉ ମେଧାବୀ ସୁବାଷ ୧୯୧୯ ରେ ସଫଳତାର ସହିତ ଗ୍ରାଜୁଏସନ୍ ପାଶ୍ କଲେ । ତାପରେ ତାଙ୍କ ପରିବାର ତାଙ୍କୁ ପଠେଇ ଦେଲେ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟ କୁ ସିଭିଲ୍ ସର୍ଭିସ୍ ପରୀକ୍ଷା ପାଇଁ ପ୍ରସ୍ତୁତ ହେବାକୁ । ୧୯୨୦ ରେ ପାଇଲେ ସିଭିଲ୍ ସର୍ଭିସ୍ ପରୀକ୍ଷାରେ ସଫଳତା । କିନ୍ତୁ ଦେଶ ପ୍ରେମ ଓ ଭକ୍ତି ଯାହା ଦେହର ଧମନୀରେ, ସେ କ'ଣ ବିଦେଶୀ ପାଖରେ ମୁଣ୍ଡ ବିକି ଦେଇ ପାରିବ ? ୧୯୨୧ ରେ ଛାଡ଼ିଦେଲେ ଚ଼ାକିରୀ । ଫେରି ଆସିଲେ ପବିତ୍ର ଭାରତ ମାଆର କୋଳକୁ । ଯୋଗଦେଲେ ଭାରତର ସ୍ୱାଧୀନତା ସଂଗ୍ରାମରେ ।ମହାତ୍ମା ଗାନ୍ଧୀଙ୍କ କଥାରେ ଚି଼ତ୍ତରଞ୍ଜନ ଦାସଙ୍କ ନେତୃତ୍ୱରେ କଲିକତାରେ କାମ କଲେ ଜଣେ ସାମ୍ବାଦିକ ଭାବରେ ,ଯୁବକ ମାନଙ୍କୁ ପ୍ରଶିକ୍ଷଣ ଦେଲେ ଓ ବେଙ୍ଗଲ କଂଗ୍ରେସର ଜଣେ ସ୍ୱେଚ୍ଛାସେବୀ ଭାବରେ କାମ କଲେ । ଏଇଠୁ ଆରମ୍ଭ ହୋଇଛି ତାଙ୍କ ଯନ୍ତ୍ରଣା ଓ ବେଦନାଶିକ୍ତ ଜୀବନ । ବାରମ୍ବାର ଯାଇଛନ୍ତି ଜେଲ୍ । କଟିଛି ଧନୀ ଘର ଯୁବକର ଜୀବନ ଜେଲର ଅନ୍ଧାରୀ ଗୃହରେ । ଜେଲରୁ ମୁକୁଳିବା ପରେ ପୁଣି ଆରମ୍ଭ ହୋଇଛି ଦେଶ ସ୍ୱାଧୀନତାର ଚି଼ନ୍ତା । ଦେଶରୁ ବାହାର ଦେଶକୁ ଯିବା, ଭାରତର ସ୍ୱାଧୀନତା ପାଇଁ ସାହାଯ୍ୟ ସମର୍ଥନ ଯୋଗାଡ କରିବା, ତାଙ୍କର ସାହସିକତା ଓ ଦେଶ ଭକ୍ତି କଳ୍ପନା ରାଇଜର ଆଇମା କାହାଣୀ ଭଳି ଲାଗେ । ସୁବାଷ ବୋଷ ଗାନ୍ଧିଜୀଙ୍କୁ ଜାତିର ପିତା ବୋଲି ପ୍ରଥମେ ରେଙ୍ଗୁନର ଏକ ରେଡ଼ିଓ ଷ୍ଟେସନରୁ ସମ୍ବୋଧିତ କରିଥିଲେ । କିନ୍ତୁ ଗାନ୍ଧିଜୀଙ୍କ ନଜରରେ ସେ ଥିଲେ ଅବାଟରେ ଯାଉଥିବା ଦେଶପ୍ରେମୀ । ଭାରତ ମାଆର ସୁଯୋଗ୍ୟ ବୀର ସନ୍ତାନଙ୍କ ଶେଷ ଜୀବନ ବିଷୟରେ ଇତିହାସ କୌଣସି ନିର୍ଭରଯୋଗ୍ୟ ତଥ୍ୟ ଦେଇ ପାରିନି ସତ, କିନ୍ତୁ ଏକଥା ବି ସତ ଦେଶ ପାଇଁ ଯୁବପିଢୀଙ୍କୁ ନେତାଜୀଙ୍କ ତ୍ୟାଗ ,ବଳିଦାନ ସବୁବେଳେ ପ୍ରେରଣା ଦେଇ ଚ଼ାଲିଥିବ ଓ ପ୍ରତି ଭାରତୀୟଙ୍କ ହୃଦୟରେ ସେ ଚି଼ରଦିନ ପାଇଁ ନମସ୍ୟ ଓ ଅମର ହୋଇ ରହିଥିବେ ।

ବାସୁଦେବପୁର, ଭଦ୍ରକ
ଦୂରଭାଷ ୯୪୩୭୩୨୦୩୫୦

# ମହାନାୟକ - ସୁଭାଷ ଚନ୍ଦ୍ର



ଅକ୍ଷୟ କୁମାର ରାଉତ

ଯେଉଁ ଦେଶର କ୍ଷିତି, ଆପ୍, ତେଜ, ମରୁତ ଓ ବ୍ୟୋମରେ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅସୀମ ସାହସୀ ପ୍ରବାଦ ପୁରୁଷ ସୁଭାଷ ଚନ୍ଦ୍ର ବୋଷଙ୍କ ଶରୀର ଗଠିତ ହୋଇଅଛି। ଯେଉଁ ଦେଶ ତାଙ୍କର ଜିହ୍ୱାରେ ଅଙ୍କନ କରିଛି ଜନ୍ମମାଟିର ଭାଷା, ଯେଉଁ ଦେଶର ଇତିହାସରୁ ସେ ପ୍ରେରଣା ଲାଭ କରିଛନ୍ତି, ସେହି ମାତୃଭୂମୀ, ସ୍ୱଦେଶକୁ ଦୁର୍ଗତି ଓ ଦୁର୍ଦ୍ଦଶାରୁ ରକ୍ଷା କରିବା ତାଙ୍କ ପାଇଁ ଦୃଢ଼ ସଂକଳ୍ପ, ତାଙ୍କର ଦେଶ ପ୍ରେମ, ସାହସ ଓ ତ୍ୟାଗ ଭାରତ ଇତିହାସରେ ବିରଳ। ତାଙ୍କର ଚଳଣି, ଜୀବନ ଧାରା, ବିଂଶ ଶତାବ୍ଦୀରେ ଭାରତର ଜଣେ ଏକକ ଅସାମାନ୍ୟ ନାୟକ ରୂପେ ପରିଗଣିତ କରିଥିଲା। ୧୮୯୭ ମସିହାରେ ଯେତେବେଳେ ବ୍ରିଟିଶ୍ ସାମ୍ରାଜ୍ୟର ମହାରାଣୀ ଭିକ୍ଟୋରିଆଙ୍କ ଶାସନର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ କରୁଥିଲା, ସେତିକିବେଳେ ଜାନୁୟାରୀ ମାସ ୨୩ ତାରିଖରେ ଜନ୍ମ ଗ୍ରହଣ କରିଥିଲେ ଓଡିଶାର କଟକ ସହରରେ ଓଡିଆ ବଜାରରେ ପ୍ରବାଦ ପୁରୁଷ ସୁବାଷ ଚନ୍ଦ୍ର ବୋଷ। ତାଙ୍କର ପିତା ଜାନକୀ ନାଥ ବୋଷ ବଙ୍ଗର ୨୪ ପ୍ରଗଣା ଅଂଚଳର ଏକ କ୍ଷୁଦ୍ର ଗ୍ରାମରୁ ଆସି ଓକିଲାତି କରି କଟକରେ ସ୍ଥାୟୀ ଭାବେ ବାସ କରୁଥିଲେ। ମାତା ପ୍ରଭାବତୀ ଉତର କଲିକତା ଅଂଚଳର ହାଟଖୋଲାର ଏକ ଐତିହ୍ୟ ସମ୍ପନ୍ନ ପରିବାରରୁ ଆସିଥିଲେ। ତାଙ୍କର ଆଠ ପୁତ୍ର ଓ ଛଅ କନ୍ୟାଙ୍କ ମଧ୍ୟରୁ ସୁଭାଷ ନବମ ସନ୍ତାନ ଥିଲେ।

ପାଂଚ ବର୍ଷ ବୟସରେ ୧୯୦୨ ମସିହାରେ କଟକ ପ୍ରୋଟେଷ୍ଟାଂଟ ସ୍କୁଲରେ ପାଠ ପଢିଥିଲେ। ଜଣେ ମେଧାବୀ ଛାତ୍ର ହିସାବରେ ଭାରତୀୟ ବଂଶୋଦ୍ଭବ ଯୋଗୁ ବୃତି ପାଉ ନଥିଲେ। ୧୯୦୯ ମସିହାରେ ରେଭେନ୍‌ସା କଲିଜିଏଟ୍ ସ୍କୁଲରେ ଅଧ୍ୟୟନ କଲେ। ସେ କାଳରେ ଶିଖିଥିବା ଗୋଟିଏ ସଂସ୍କୃତ ଶ୍ଳୋକରୁ ପିତାମାତାଙ୍କୁ ଭକ୍ତି କରୁଥିଲେ। ସ୍ୱାମୀ ବିବେକାନନ୍ଦ ଓ ରାମକୃଷ୍ଣ ପରମହଂସଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମାନବ ସେବା ହିଁ ମାଧବ ସେବା ବୋଲି ଧରି ନେଇଥିଲେ। ପରେ ପରେ ସେ ବ୍ରହ୍ମଚର୍ଯ୍ୟ, ଧ୍ୟାନଯୋଗ, ହଟଯୋଗ ଓ ରାଜଯୋଗ ସାଧନ କରିଥିଲେ। ୧୯୧୩ ମସିହାରେ ସୁଭାଷ ବୋଷ ସମଗ୍ର ଆସାମ, ବଙ୍ଗ, ବିହାର ଓ ଓଡିଶାରେ ଏଂଟ୍ରାନ୍ସ ପରୀକ୍ଷାରେ ଦ୍ୱିତୀୟ ସ୍ଥାନ ଲାଭ କରି କଲିକତାର ପ୍ରେସିଡେନ୍‌ସି କଲେଜରେ ଅଧ୍ୟୟନ ଆରମ୍ଭ କଲେ। ସେ କଲେଜ ୟୁନିୟନରେ ନେତା ହିସାବରେ ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତୋଳନ କରିବାରୁ ତାଙ୍କୁ ବିଶ୍ୱବିଦ୍ୟାଳୟରୁ ଦଣ୍ଡାଦେଶ ଦ୍ୱାରା ବାହାର କରିଦିଆଗଲା । ଫଳରେ ଦୁଇବର୍ଷ ସମୟ ନଷ୍ଟ ହୋଇଗଲା। ପୁନର୍ବାର ସୁଭାଷ ସ୍କଟିସ୍ ଚର୍ଚ୍ଚ କଲେଜରେ ନାମ ଲେଖାଇ ୧୯୧୯ ମସିହାରେ ସ୍ନାତକ ଦର୍ଶନ ଶାସ୍ତ୍ରରେ ଅନର୍ସ ସହ ପ୍ରଥମ ଶ୍ରେଣୀରେ ଦ୍ୱିତୀୟ ସ୍ଥାନ ଲାଭ କରି ଉତୀର୍ଣ୍ଣ ହେଲେ। ଆଇ.ସି.ଏସ. ପଢ଼ିବା ପାଇଁ ସୁଭାଷ ବିଲାତ ଗଲେ ଓ ସେଠାରେ ପରୀକ୍ଷା ଦେଇ ଚତୁର୍ଥ ସ୍ଥାନ ଲାଭ କଲେ। ଦେଶ ସେବାପାଇଁ ସେ ଇଣ୍ଡିୟାନ୍ ସିଭିଲ୍ ସର୍ଭିସର ପରମ ସୌଭାଗ୍ୟକୁ ପ୍ରତ୍ୟାଖ୍ୟାନ କଲେ। ୧୯୨୧ ମସିହା ଅପ୍ରେଲ ମାସ ୧୬ ତାରିଖରେ ବିଲାତରୁ ଆସି ବମ୍ବେରେ ପହଁଚି ଗାନ୍ଧିଜୀଙ୍କୁ ସାକ୍ଷାତ୍ କଲେ। ଗାନ୍ଧିଜୀଙ୍କ ପରାମର୍ଶରେ ସୁଭାଷ କଲିକତା ଯାଇ ସେଠାରେ ଚିତରଞ୍ଜନ ଦାସଙ୍କୁ ସାକ୍ଷାତ୍ କରି, ସେଠାରେ ଦେଶ କାମରେ ଲାଗି ପଡିଲେ। ୧୯୨୪ ରେ ସେ କଂଗ୍ରେସ ଦଳର ପ୍ରାର୍ଥୀଭାବେ କଲିକତା କର୍ପୋରେସନ୍‌ର ଏକ୍‌ଜିକ୍ୟୁଟିଭ୍ ଅଫିସର ଭାବେ ମାସିକ ତିନି ହଜାର ଟଙ୍କାରେ କାର୍ଯ୍ୟ କଲେ। ଏହି ଟଙ୍କା ସେ ରୋଗୀ ଓ ଅସହାୟ ଶିଶୁମାନଙ୍କ ପାଇଁ ଖର୍ଚ୍ଚ କରୁଥିଲେ। ସେ ସମୟରେ ମେୟର ହୋଇଥିଲେ ଚିତରଞ୍ଜନ ଦାସ। ସ୍ୱରାଜ ପାର୍ଟିର ସଫଳତା ଉପରେ ବ୍ରିଟିଶ୍ ସରକାର କ୍ରୋଧାନ୍ୱିତ ହୋଇ ସୁଭାଷଙ୍କୁ ୧୯୨୪ ମସିହା ଅକ୍ଟୋବର ୨୫ ତାରିଖ ଭୋରରୁ କଲିକତା ଡେପୁଟି କମିଶନରଙ୍କ ନିର୍ଦ୍ଦେଶରେ ୧୯୧୮ ରେଗୁଲେସନ ତୃତୀୟ ବ୍ୟବସ୍ଥା ବଳରେ ଆରେଷ୍ଟ କରାଗଲା। ସୁଭାଷଙ୍କୁ କଲିକତାରୁ ବରହମ୍ପୁର ଜେଲ୍‌କୁ ସ୍ଥାନାନ୍ତର କରାଗଲା। ପରେ ମର୍ତ୍ତ୍ୟର ନର୍କ ଲାଲ ବଜାର ପୋଲିସ୍ ହାଜତରେ ଓ ତା'ପରେ ମାନ୍ଦ୍ରାଜ୍ ଜେଲକୁ ପଠାଇ ଦିଆଗଲା। ସେଠାରେ ତାଙ୍କ ସ୍ୱାସ୍ଥ୍ୟ ଅତ୍ୟନ୍ତ ଖରାପ ହେବାରୁ ତାଙ୍କୁ ୧୯୨୭ ମେ ମାସରେ ମୁକ୍ତ କରି ଦିଆଗଲା। କଲିକତା ମେୟର ଭାବେ ସୁଭାଷ ନିର୍ବାଚିତ ହେଲେ। ରାଜନୈତିକ ଅଭିଜ୍ଞତାରୁ " ଦି ଇଣ୍ଡିଆନ୍ ଷ୍ଟ୍ରଗଲ୍" ନାମକ ଏକ ବିଖ୍ୟାତ ପୁସ୍ତକ ରଚନା କରିଥିଲେ। ୧୯୩୮ ମସିହାରେ ୫୧ତମ ଜାତୀୟ କଂଗ୍ରେସ ଅଧିବେଶନରେ ସେ ସଭାପତି ରୂପେ ମନୋନୀତ ହୋଇଥିଲେ। ସୁଭାଷ ଚନ୍ଦ୍ର ବୋଷଙ୍କୁ ୫୧ ହଳ ବଳଦ ଟାଣୁଥିବା ଏକ ରଥରେ ବସାଇ ବ୍ୟାଣ୍ଡ ବାଜା ବଜାଇ ହରିପୁରାର ସଭା ସ୍ଥଳକୁ ନିଆଯାଇଥିଲା। ସୁଭାଷ ଘୋଷଣା କଲେ ଯେ " ପୃଥିବୀ ପୃଷ୍ଠରେ ଏମିତି ଶକ୍ତି ନାହିଁ ଯେ କି ଭାରତକୁ ଆଉ ଦାସତ୍ୱର ଶୃଙ୍ଖଳରେ ବାନ୍ଧି ରଖିବ।" ଶାନ୍ତି ନିକେତନରେ ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର ୧୯୩୭ ମସିହାରେ ସୁଭାଷଙ୍କୁ ସମ୍ବର୍ଦ୍ଧିତ କରି କହିଥିଲେ " ମୁଁ ବଙ୍ଗଳାର କବି ହୋଇ ତୁମକୁ ଦେଶ ନାୟକ ପଦରେ ବରଣ କରୁଛି। ଦ୍ୱିତୀୟ ଥର କଂଗ୍ରେସ ସଭାପତି ପଦ ପାଇଁ ସୁଭାଷ ବୋଷ ପ୍ରତି ଦ୍ୱନ୍ଦିତା କରିବା ପାଇଁ ଘୋଷଣା କଲେ। ମହାତ୍ମା ଗାନ୍ଧୀ ଶୁଭେଚ୍ଛା ସହ ପଟ୍ଟାରି ସୀତାରାମାୟାଙ୍କୁ ସୁବାଷ ଚନ୍ଦ୍ରଙ୍କ ବିରୁଦ୍ଧରେ ଦକ୍ଷିଣ ପନ୍ଥୀଙ୍କ ମନୋନୀତ ପ୍ରାର୍ଥୀଭାବେ ପ୍ରତିଦ୍ୱନ୍ଦିତାରେ ଅବତୀର୍ଣ୍ଣ କରାଇଲେ। ବାଦ ବିବାଦ ମଧ୍ୟରେ ସୁଭାଷ ଚନ୍ଦ୍ର ଦୁଇଶହରୁ ଅଧିକ ଭୋଟରେ ବିଜୟ ଲାଭ କଲେ। ଗାନ୍ଧିବାଦୀ ମାନଙ୍କ ଚାପରେ ସୁଭାଷ କଂଗ୍ରେସ ସଭାପତି ପଦରୁ ଇସ୍ତଫା ଦେବାକୁ ବାଧ ହେଲେ। ସମସ୍ତ ଚରମ ତଥା ପ୍ରଗତିବାଦୀ ତତ୍ୱକୁ ଏକାଠି କରି ସୁଭାଷ ୧୯୩୯ ରେ ଏକ ନୂଆ ଦଳ ଗଠନ କଲେ। ଏହାର ନାଁ "ଫରୱାର୍ଡ ବ୍ଲକ"। ୧୯୩୯ ଜୁନ୍ ୨୨ ତାରିଖରେ ଫରୱାର୍ଡ଼ ବ୍ଲକ୍‌ର ପ୍ରଥମ ଅଖିଳ ଭାରତ ଅଧିବେଶନ ବମ୍ବେଠାରେ ଅନୁଷ୍ଠିତ ହେଲା। ବଙ୍ଗର ଶେଷ ସ୍ୱାଧୀନ ରାଜା ସିରାଜଦୌଲାଙ୍କ ସ୍ମୃତି ଉପରେ କଳଙ୍କର ଦାସ ପରି ହୋଲ୍‌ୱେଲ୍ ସ୍ମୃତି ସ୍ତମ୍ଭକୁ ହଟାଇବା ପାଇଁ ସୁଭାଷ ହିନ୍ଦୁ ଓ ମୁସଲମାନ୍ ଯୁବକମାନଙ୍କୁ ନେଇ ସତ୍ୟାଗ୍ରହ କରିବାକୁ ଗଲାବେଳେ, ତାଙ୍କୁ ଭାରତୀୟ ପ୍ରତିରକ୍ଷା ଆଇନ୍ ବଳରେ ଗିରଫ କରାଯାଇ କଲିକତାରେ ପ୍ରେସିଡେନ୍‌ସି ଜେଲ୍‌ରେ ରଖାଗଲା। ଜେଲ ଖାନାରେ ଥିବା ବେଳେ ସେ ପୂର୍ବବଙ୍ଗରେ ଢାକା ନିର୍ବାଚନ ମଣ୍ଡଳୀରୁ କେନ୍ଦ୍ରୀୟ ବିଧାନ ସଭାକୁ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ହୋଇଥିଲେ। ଜେଲ ମଧ୍ୟରେ ସୁଭାଷ ବୋଷ୍ ବହୁ ଐତିହାସିକ ପତ୍ର ସରକାରଙ୍କୁ ଲେଖିଥିଲେ। ଯଦିଓ ହଠାତ୍ ଆଖି ଦୃଶିଆ ଲାଭର ସମ୍ଭାବନା ନାହିଁ, ତଥାପି କଷ୍ଟ ସହିଷ୍ଣୁତା ଓ ତ୍ୟାଗର ଫଳ କେବେ ବ୍ୟର୍ଥ ହୁଏ ନାହିଁ। ମରଣଶୀଳ ପୃଥିବୀରେ ସବୁକିଛି କ୍ଷୟିଷ୍ଣୁ। ଚିନ୍ତା ଆଦର୍ଶ ଓ ସ୍ୱପ୍ନ କେବେ କ୍ଷୟ ହୁଏ ନାହିଁ। ଗୋଟିଏ ଆଦର୍ଶ ସାଫଲ୍ୟ ପାଇଁ ଜଣେ ବ୍ୟକ୍ତିର ପରଲୋକ ହୋଇପାରେ, କିନ୍ତୁ ତାର ମୃତ୍ୟୁ ପରେ ସେଇ ଆଦର୍ଶ ସହସ୍ର ଜୀବନ ମାଧ୍ୟମରେ ପୁନର୍ବାର ପ୍ରକଟିତ ଓ ବିକଶିତ ହୋଇଥାଏ। ଗୋଟିଏ ଆଦର୍ଶନିତୀ ପାଇଁ କରୁ ବା ମରୁ ତାଠାରୁ ଜୀବନର ବଡ ସାର୍ଥକତା କ'ଣ ଥାଇ ପାରେ ? ଜେଲରେ ସୁଭାଷ ଏକ ସପ୍ତାହ ଅନଶନ କରିବାରୁ ଇଂରେଜ ସରକାର ବିଚଳିତ ହୋଇ ତାଙ୍କୁ ଖଲାସ କରିଦେଲେ। କିନ୍ତୁ ତାଙ୍କୁ ଗୃହବନ୍ଦୀ କରି ରଖିଲେ। ସୁଭାଷ ଚନ୍ଦ୍ର ବୋଷ ଖଲାସ ହେବା ସଂଗେ ସଂଗେ ଭାରତ ବାହାରକୁ ଖସି ଚାଲିଯିବାର ଉପାୟ ଚିନ୍ତା କଲେ। ତାଙ୍କ ପୁତୁରା ଶିଶିର ଓ ଫରୱାର୍ଡ଼ ବ୍ଲକ୍‌ର ନେତା ଅନ୍ତରଙ୍ଗ ମିଆଁ ଆକବର ଶାହା ସହିତ ମିଶି ଯୋଜନା ପ୍ରସ୍ତୁତ୍ କଲେ। ଝିଆରୀ ଇଲାକୁ ଗୁପ୍ତ ଭାବରେ ଯିବା ସମ୍ପର୍କରେ ଜଣାଇ ଦିଆଗଲା। ୧୯୪୧ ମସିହା ଜାନୁୟାରୀ ୧୬ ତାରିଖରେ ହିନ୍ଦୁବେଶୀ ସୁଭାଷ ଘନ ପିଙ୍ଗଳ ରଙ୍ଗର ସେର୍‌ୱାନୀ, ଢିଲା ପାଇଜାମା, ଲେସ୍ ବନ୍ଧା ୟୁରୋପିଆନ୍ ଯୋତା ଓ କଳା ଅସ୍ତର ଖାନ୍ ପରି ଲୋମଶ ଟୋପି ପିନ୍ଧି ଓଜନଦାର ଜର୍ମାନ ତିଆରି ୱାଣ୍ଡରର କାର୍‌ରେ ଶିଶିର ସହିତ ବାହାରି ପଡିଲେ। ୧୯୪୧ ଜାନୁୟାରୀ ୧୭ ତାରିଖରେ ଧାନବାଦ ନିକଟବର୍ତୀ ବାରାରୀରେ ପହଁଚିଲେ। ସେଠାରେ ପୁତୁରା ଅଶୋକଙ୍କ ଘରେ ଏକ ବୀମା କମ୍ପାନୀର ଏଜେଂଟ ଭାବରେ ରହିଲେ। କିଛି ସମୟ ପରେ ଶିଶିର, ଅଶୋକ ଓ ତାଙ୍କ ସ୍ତ୍ରୀ ମିଶି ସୁଭାଷ କାକାଙ୍କୁ ନେଇ ଗୋମୋ ଅଭିମୁଖେ ଚାଲିଲେ। ପେଶ୍‌ୱାରରେ ପହଁଚି ଗଲେ। ରହିଥିବା ହୋଟେଲ୍‌ରୁ ସୁଭାଷ ଆସି ବିଶ୍ୱସ୍ତ ବନ୍ଧୁ ଅବଦ ଖାଁଙ୍କ ଘରେ ଛ ଦିନ ରହି ପଠାଣଙ୍କ ଚଳଣି ଓ ପ୍ରଥା ଜାଣିନେଲେ। ମହମ୍ମଦ ଶାହା ଓ ଜଗତରାମ ତଲୱାରଙ୍କ ମାଧ୍ୟମରେ ଛଦ୍ମବେଶ ବଦଳାଇ ପଠାଣ ବେଶରେ କାବୁଲ ଯିବାକୁ ସ୍ଥିର କଲେ। ଆଫଗାନ ଅଂଚଳର ଗୋଟିଏ ଗାଁରେ ପହଁଚି ସୁଭାଷ ବୁଦ୍‌ଖାନ୍ ତନଖି ଫାଟକ ଦେଇ କାବୁଲରେ ପହଁଚିଲେ। କାବୁଲରେ ଥିବା ଇଟାଲୀ ଦୂତାବାସର ଜଣେ କର୍ମଚାରୀ ଓର୍ଲାଣ୍ଡୋ ମାଜୋଟାଙ୍କ ନାମରେ ପାସ୍‌ପୋର୍ଟ ବନାଇ ଉଡାଜାହାଜ ଯୋଗେ ମସ୍କୋରେ ପହଁଚିଲେ। ତାପରେ ଜର୍ମାନୀର ବର୍ଲିନ୍‌ରେ ପହଁଚି ଆଡାମ୍ ବନ୍ ଟ୍ରଟ୍ ଓ ଆଲେକ୍‌ଜାଣ୍ଡାର ୱାର୍ଥଙ୍କ ମାଧ୍ୟମରେ ଜର୍ମାନ ବୈଦେଶିକ ମନ୍ତ୍ରାଳୟରେ ୱାର୍କ ଗ୍ରୁପ୍ ଇଣ୍ଡିଆ' ବିଭାଗ ଖୋଲିଲେ। ୧୯୪୧ ମସିହା ଶେଷ ଆଡକୁ ସେ ବର୍ଲିନ୍‌ରେ " ମୁକ୍ତ ଭାରତ ସେଂଟର" କରିବାକୁ ସକ୍ଷମ ହେଲେ। ସେଂଟର କାର୍ଯ୍ୟ ହେଲା " ଆଜାଦ୍ ହିନ୍ଦ୍ ରେଡିଓ", ନେସନାଲ କଂଗ୍ରେସ ରେଡିଓ" ଏବଂ "ଆଜାଦ୍ ମୁସଲ୍‌ଲିମ୍ ରେଡିଓ ମାଧ୍ୟମରେ ଦେଶର କାର୍ଯ୍ୟକ୍ରମକୁ ପରିଚାଳନା କରିବା। "ଆଜାଦ୍ ହିନ୍ଦ୍ " ପତ୍ରିକା ମାଧ୍ୟମରେ ଭାରତର ରାଜନୀତି, ଅର୍ଥନୀତି, ଦର୍ଶନ ଓ ସଂସ୍କୃତି କଳା ସାରା ବିଶ୍ୱରେ ପ୍ରଚାର କରିବା, ଯୁଦ୍ଧବନ୍ଦୀମାନଙ୍କୁ ନେଇ ଗଠିତ ଭାରତୀୟ ସେନା ଏବଂ ଭାରତୀୟ ଜାତୀୟ ସୈନ୍ୟବାହିନୀ ସହ ସମ୍ପର୍କ ସ୍ଥାପନ କରିବା। ୧୯୪୨ ମେ' ମାସରେ ସୁଭାଷ ଆଡ୍‌ଲଫ ହିଟ୍‌ଲରଙ୍କୁ ଶେଷଥର ସାକ୍ଷାତ୍ କଲେ। ମୁକ୍ତ ଭାରତ ସେଂଟର ସ୍ୱାଧୀନତା ପାଇବା ପରେ ଭାରତର ସାମାଜିକ ଓ ଅର୍ଥନୈତିକ ଉନ୍ନତି ପାଇଁ ଏକ ଯୋଜନା କମିଶନ୍ ପ୍ରତିଷ୍ଠା କଲେ। ସେହି ସେଂଟର କଂଗ୍ରେସର ତ୍ରିରଙ୍ଗା ପତାକା ଏଥି ମଧ୍ୟରେ ଏକ ଲମ୍ଫ ପ୍ରଦାନ ବାଘର ଚିତ୍ରକୁ ନେଇ ନିଜ ପ୍ରତିଷ୍ଠାର ପ୍ରତୀକ ପ୍ରସ୍ତୁତ୍ କଲେ। ଜନ-ଗଣ-ମନକୁ ଜାତୀୟ ସଂଗୀତ ଓ ଭାରତୀୟ ମାନଙ୍କ ମଧ୍ୟରେ ଜୟ-ହିନ୍ଦ୍ କହି ଅଭିବାଦନ କରିବାର ସାଧାରଣ ସମ୍ଭାଷଣ ଆରମ୍ଭ କରାଗଲା। ବର୍ଲିନ୍ ଠାରେ ୧୯୪୩ ମସିହା ଜାନୁୟାରୀ ୨୬ ତାରିଖରେ ଭାରତର ସ୍ୱାଧୀନତା ଦିବସ ମହାସମାରୋହରେ ପାଳନ କରି ନେତାଜୀ ମୁଖ୍ୟ ଅଭିଭାଷଣ ପ୍ରଦାନ କଲେ। ନେତାଜୀ ଇଣ୍ଡିଆନ୍ ନେସ୍‌ନାଲ ଆର୍ମି ବା ଆଜାଦ୍ ହିନ୍ଦ୍ ଫୌଜକୁ ସମ୍ପୂର୍ଣ୍ଣ ଭାବେ ପୁନର୍ଗଠନ କରି ୧୯୪୩ ମସିହା ଜୁଲାଇ ୫ ତାରିଖରେ ସିଙ୍ଗାପୁର ଟାଉନ୍ ହଲ୍ ସମ୍ମୁଖସ୍ଥ ବିରାଟ ପଡିଆରେ ଆଜାଦ୍ ହିନ୍ଦ୍ ଫୌଜର ପ୍ରଧାନ ସେନାଧ୍ୟକ୍ଷ ଭାବରେ ସମ୍ବୋଧନ କରି ଦିଲ୍ଲୀ ଚଲୋ ! ଦିଲ୍ଲୀ ଚଲୋ ! ଡାକରା ଦେଇଥିଲେ।୧୯୪୩ ମସିହା ଅକ୍ଟୋବର ୨୧ ତାରିଖରେ ଆଜାଦ୍ ହିନ୍ଦ୍ ଫୌଜର ଝାନ୍‌ସି ରାଣୀ ରେଜିମେଂଟକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ନେତାଜୀ ରାଷ୍ଟ୍ର ମୁଖ୍ୟ ଭାବେ ୧୯୪୩ ନଭେମ୍ବରରେ ଟୋକିଓ ଠାରେ ଅନୁଷ୍ଠିତ ବୃହତର ପୂର୍ବ ଏସିଆ ରାଷ୍ଟ୍ରମାନଙ୍କ ମିଳିତ ଅଧିବେଶନରେ ଯୋଗଦେଲେ। ପ୍ରଧାନ ମନ୍ତ୍ରୀ ତୋଜୋ ଘୋଷଣା କଲେ ଯେ ଜାପାନ ସୈନ୍ୟ ବାହିନୀ ଅଧୀନରେ ଥିବା ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜକୁ ଆଜାଦ୍ ହିନ୍ଦ୍ ଅସ୍ଥାୟୀ ସରକାରଙ୍କୁ ଶାସନ ହସ୍ତାନ୍ତର କରାଯିବ। ଆଣ୍ଡାମାନ୍ ଦ୍ୱୀପର ଜିମ୍‌ଖାନା ପଡିଆରେ ନେତାଜୀ ରାଷ୍ଟ୍ରମୁଖ୍ୟ ଭାବରେ ଜାତୀୟ ତ୍ରିରଙ୍ଗା ପତାକା ଉତ୍ତୋଳନ କଲେ। କୁଖ୍ୟାତ୍ ସେଲୁଲାର ଜେଲ ପରିଦର୍ଶନ ପରେ ରସ୍ ଦ୍ୱୀପରେ ବ୍ରିଟିଶ୍ ମୁଖ୍ୟ କମିଶନରଙ୍କ ନିବାସକୁ ଦଖଲ କରି ଜାତୀୟ ତ୍ରିରଙ୍ଗା ପତାକା ଗର୍ବର ସହ ଉଡାଇଲେ। ନେତାଜୀ ଆଣ୍ଡାମାନ ଦ୍ୱୀପପୁଞ୍ଜକୁ ଶହୀଦ ଓ ନିକୋବର ଦ୍ୱୀପ ପୁଞ୍ଜକୁ ସ୍ୱରାଜ ଦ୍ୱୀପ ପୁଞ୍ଜ ଭାବରେ ପୁନର୍ନାମିତ କରିଥିଲେ।

ନେତାଜୀ ଭାରତ ସୀମା ଆଡକୁ ଆଗେଇବାର ପ୍ରଥମ ପ୍ରସ୍ତୁତି ସ୍ୱରୂପ ତାଙ୍କର ମୁଖ୍ୟ କାର୍ଯ୍ୟାଳୟକୁ ସିଙ୍ଗାପୁରରୁ ରେଙ୍ଗୁନ୍ ନେଇ ଆସିଲେ। ଛଟଗ୍ରାମକୁ ଯାଇଥିବା ରାସ୍ତାରେ ଅରକିନ୍ ଠାରେ ଯେଉଁ ଯୁଦ୍ଧ ହେଲା ସେଥିରେ ଆଜାଦ୍ ହିନ୍ଦ୍ ଫୌଜ ଅଧିକ ଶକ୍ତିଶାଳୀରେ ପରିଣତ ହେଇଥିଲା। ଭାରତ-ଜାପାନ ମିଳିତ ବାହିନୀ ୧୯୪୪ ମସିହା ଏପ୍ରିଲ୍ ପ୍ରଥମ ସପ୍ତାହରେ କୋହିମା ଅଧିକାର ପରେ ପରେ ମଣିପୁର ରାଜଧାନୀ ଇମ୍ଫାଲକୁ ଘେରାଉ କରି ଭାରତ ମାଟିରେ ସ୍ୱାଧୀନତାର ପତାକା ଉଡାଇଥିଲେ। ୧୯୪୫ ଅଗଷ୍ଟରେ ହିରୋସିମା ଓ ନାଗାସାକି ସହର ଉପରେ ଆମେରିକା ଆଟମ୍ ବମ୍ ନିକ୍ଷେପ କରିବାରୁ ଜାପାନ ଆତ୍ମ ସମର୍ପଣ କଲା। ବର୍ମାରେ ପ୍ରକୃତିର ତାଣ୍ଡବ ଲୀଳା ଆଜାଦ୍ ହିନ୍ଦ୍ ଫୌଜକୁ ପଟାନାଭିମୁଖୀ କରିଦେଇଥିଲା। ସେହିଦିନ ନେତାଜୀ ଆଜାଦ୍ ହିନ୍ଦ୍ ଫୌଜକୁ ସଂଗ୍ରାମ ଚଳାଇବାକୁ ସ୍ୱତନ୍ତ୍ର ନିର୍ଦ୍ଦେଶ ଦେଇଥିଲେ। ସୋଭିଏତ୍ ଅଫିସ୍‌କୁ ଯିବାକୁ ଯୋଜନା କରିଥିଲା ପରେ କେତେଜଣଙ୍କୁ ସାଂଗରେ ଧରି ଟୋକିଓ ଯାତ୍ରା କଲେ ଓ ବାଟରେ ବ୍ୟାଙ୍କକ୍ ଓ ସାଇଗନ ଠାରେ କିଛି ସମୟ ରହିଥିଲେ। ସାଇଗନ୍ ଠାରୁ ନେତାଜୀ ଜାପାନୀ ବିମାନରେ ହବିବୁର ରହମାନଙ୍କୁ ସାଂଗରେ ନେଇ ଯାତ୍ରା କଲେ। ବିମାନଟି ଟୋକିଓ ଯିବା ବାଟରେ ତାଇହୋ ବିମାନ ବନ୍ଦରରେ ଉଡାଣ ଆରମ୍ଭ କଲାବେଳେ ଦୁର୍ଘଟଣା ଘଟିବାରୁ ଜାପାନୀ ସେନାଧ୍ୟକ୍ଷ ଶିଦେଇ ଓ ବିମାନ ଚାଳକଙ୍କ ସହ ଅନ୍ୟ କେତେକଙ୍କ ମୃତ୍ୟୁ ବରଣ କଲେ। ନେତାଜୀଙ୍କ ଶରୀରରେ ନିଆଁ ଲାଗିଯିବାରୁ ସେ ଭିଷଣ ଆହତ ହୋଇଛନ୍ତି। ଏହି ଖବର ଟୋକିଓ ରେଡିଓରୁ ୧୯୪୫ ଅଗଷ୍ଟ ୨୩ ତାରିଖ ଦିନ ପ୍ରଚାରିତ ହେଲା। ତାପରେ ସମ୍ବାଦ ମିଳିଲା ଯେ ତାଇହୋ ମିଲିଟାରୀ ହସ୍‌ପିଟାଲରେ ନେତାଜୀଙ୍କର ମୃତ୍ୟୁ ହୋଇଯାଇଅଛି। ହବିବୁର ରହମାନଙ୍କ କହିବା ଅନୁଯାୟୀ ତାଇହୋଠାରେ ତାଙ୍କ ସଂସ୍କାର କରାଯାଇ ପାଉଁଶକୁ ଟୋକିଓ ସହରର ରେଙ୍କୋଜୀ ମନ୍ଦିରରେ ରଖାଯାଇଥିଲା। ତାଙ୍କର ମୃତ୍ୟୁ ଏବେବି ରହସ୍ୟ ଘେରରେ ରହିଛି। ଜାତୀୟ ରାଜନୈତିକ ପଟ୍ଟଭୂମି, ଓ ଦଳିତ ମଣିଷ ଜାତି ପାଇଁ ଅମର ପ୍ରତୀକ ଭାବେ ଭାରତୀୟ ମାନଙ୍କର ସଂକଳ୍ପର ଉତ୍ସ ହୋଇ ନେତାଜୀ ସୁଭାଷ ସବୁଦିନେ ରହିବେ।

ଜଗତସିଂହପୁର

# ନୂତନ ନ୍ୟାୟ ସଂହିତା : ତାରିଖ ପରେ ତାରିଖ ଯୁଗ ଶେଷ

ସର୍ବେଶ୍ୱର ବେହେରା

କେନ୍ଦ୍ର ସରକାର ଫୌଜଦାରୀ ଆଇନ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ କରିଛନ୍ତି । ୧୮୬୦ ମସିହାର ଭାରତୀୟ ପିଙ୍ଗଳ କୋର୍ଡ଼କୁ (ଆଇପିସି) ପରିବର୍ତ୍ତନ କରି ଭାରତୀୟ ନ୍ୟାୟ ସଂହିତା ୨୦୨୩ ପ୍ରଣୟନ କରିଛନ୍ତି । ସେହିପରି ୧୯୭୩ର ଦଣ୍ଡବିଧି ପ୍ରକ୍ରିୟା (ସିଆରପିସି) ସ୍ଥାନରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା ୨୦୨୩ ଓ ୧୮୭୨ ମସିହାର ଭାରତୀୟ ସାକ୍ଷ୍ୟ ପ୍ରମାଣ ଆଇନ ସ୍ଥାନରେ ଭାରତୀୟ ସାକ୍ଷ୍ୟ ଅଧିନିୟମ ୨୦୨୩ ପ୍ରଣୟନ କରିଛନ୍ତି । କେନ୍ଦ୍ର ସରକାର ଏହି ପରିବର୍ତ୍ତନର ପ୍ରକ୍ରିୟା ୨୦୧୯ରୁ ଆରମ୍ଭ କରିଥିଲେ । ୨୦୧୯ରେ କେନ୍ଦ୍ର ଗୃହ ମନ୍ତ୍ରାଳୟ ଏହି ସଂସ୍କାର କରିବା ପାଇଁ ଦେଶର ସମସ୍ତ ନ୍ୟାୟବ୍ୟବସ୍ଥା ଓ ପ୍ରତିଷ୍ଠିତ ବ୍ୟକ୍ତିଙ୍କଠାରୁ ପ୍ରସ୍ତାବ ମାଗିଥିଲେ । ସମସ୍ତ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ରଶାସିତ ଅଞ୍ଚଳର ଲେଫ୍ଟନାଣ୍ଟ ଗଭର୍ଣ୍ଣର, ସର୍ବୋଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି, ସମସ୍ତ ରାଜ୍ୟ ଉଚ୍ଚନ୍ୟାୟାଳୟ, ବାର କାଉନସିଲ ସଦସ୍ୟମାନଙ୍କ ଠାରୁ ମଧ ପ୍ରସ୍ତାବ ଯାଚନା କରାଯାଇଥିଲା । ୨୦୨୦ ମସିହାରେ ଏହି ସଂସ୍କାର ପାଇଁ ଏକ କମିଟି ଗଠନ କରାଯାଇଥିଲା । ନୂଆଦିଲ୍ଲୀ ସ୍ଥିତ ରାଷ୍ଟ୍ରୀୟ ଆଇନ ବିଶ୍ୱବିଦ୍ୟାଳୟର କୁଳପତି ଏହାର ଅଧକ୍ଷ ଥିଲେ ।ଏହି ସମସ୍ତ କ୍ଷେତ୍ରରୁ ୩୨୦୦ ପ୍ରସ୍ତାବ ପ୍ରେରଣ କରାଯାଇଥିଲା । ୧୮ଟି ରାଜ୍ୟରୁ, ୬ଟି କେନ୍ଦ୍ରଶାସିତ ଅଞ୍ଚଳରୁ, ସର୍ବୋଚ୍ଚ ନ୍ୟାୟାଳୟରୁ, ୧୬ଟି ଉଚ୍ଚନ୍ୟାୟାଳୟରୁ, ୨୭ଟି ବିଚାର ବିଭାଗୀୟ ପ୍ରତିଷ୍ଠାନରୁ ଏହି ପ୍ରସ୍ତାବମାନ ଆସିଥିଲା । କେତେ ଜଣ ସାଂସଦ, ପ୍ରଶାସନିକ ଅଧିକାରୀ, ପୁଲିସ ଅଧିକାରୀମାନେ ମଧ ପ୍ରସ୍ତାବ ପ୍ରଦାନ କରିଥିଲେ । କେନ୍ଦ୍ର ଗୃହମନ୍ତ୍ରୀ ଏଥିପାଇଁ ୧୫୦ରୁ ଉର୍ଦ୍ଧ୍ୱ ବୈଠକ ଆୟୋଜନ କରିଥିଲେ; ଯେଉଁଥିରେ ଏହି ପ୍ରସ୍ତାବଗୁଡ଼ିକ ବିଶଦ ଭାବେ ଚର୍ଚ୍ଚା ଆଲୋଚନା କରାଯାଇଥିଲା । ପରିଶେଷରେ ଏହା ସଂସଦରେ ଆଗତ ହୋଇଥିଲା । ସଂସଦର ଷ୍ଟାଣ୍ଡିଂ କମିଟି ମଧ ମତପ୍ରଦାନ କରିଥିଲେ । ସଂସଦର ଉଭୟ ଗୃହରେ ଏହା ସ୍ୱୀକୃତି ହୋଇସାରିଛି ।ପୂର୍ବରୁ ଭାରତୀୟ ପିଙ୍ଗଳ କୋର୍ଡ (ଆଇପିସି)ରେ ୫୧୧ଟି ଧାରା ଥିଲା । ସେ ସ୍ଥାନରେ ଏବେ ଭାରତୀୟ ନ୍ୟାୟ ସଂହିତାରେ ମାତ୍ର ୩୫୮ ଧାରା ସ୍ଥାନୀତ କରାଯାଇଛି । ଏଥିରେ ୨୦ଟି ନୂତନ ଧାରା ଯୋଡ଼ାଯାଇଛି । ୩୩ଟି ଅପରାଧରେ ଦଣ୍ଡକୁ ବୃଦ୍ଧି କରାଯାଇଛି । ସେହିପରି ୮୩ଟି ଅପରାଧରେ ଅର୍ଥଦଣ୍ଡକୁ ବୃଦ୍ଧି କରାଯାଇଛି । ୨୩ଟି ଅପରାଧରେ ସର୍ବନିମ୍ନ ଅପରାଧ ସ୍ଥାନ ପାଇଛି । ନୂତନ ଭାବେ ୬ଟି ଧାରାରେ ସମାଜ ସେବା କରିବା ପାଇଁ ଦଣ୍ଡ ପ୍ରଦାନ କରାଯାଇଛି । ୧୯ଟି ଧାରାକୁ ଉଚ୍ଛେଦ କରାଯାଇଛି ।ପୂର୍ବରୁ ସିଆରପିସିରେ ୪୮୪ଟି ଧାରା ଥିଲା । ତା' ସ୍ଥାନରେ ଭାରତୀୟ ନାଗରିକ ସୁରକ୍ଷା ସଂହିତାରେ ୫୩୧ଟି ଧାରା ସ୍ଥାନ ପାଇଛି । ସମୁଦାୟ ୧୭୭ଟି ଧାରା ପରିବର୍ତ୍ତନ କରାଯାଇଛି । ୯ଟି ନୂତନ ଧାରା ଓ ୩୯ଟି ଉପଧାରା ସ୍ଥାନ ପାଇଛି । ୪୪ଟି ଧାରାର ନୂତନ ସ୍ପଷ୍ଟୀକରଣ କରାଯାଇଛି । ୩୫ଟି ଧାରାରେ ସମୟ ନିର୍ଘଣ୍ଟ ପ୍ରଦାନ କରାଯାଇଛି । ୩୫ଟି ସ୍ଥାନରେ ଦୃଶ୍ୟଶ୍ରାବ (ଅଡ଼ିଓ-ଭିଡ଼ିଓ) ପଦ୍ଧତି ସ୍ଥାନ ପାଇଛି । ୧୪ଟି ଧାରାକୁ ଉଚ୍ଛେଦ କରାଯାଇଛି । ସେହିପରି ଭାରତୀୟ ସାକ୍ଷ୍ୟ ଅଧିନିୟମରେ ୧୭୦ଟି ଧାରା ସ୍ଥାନ ପାଇଛି । ପୂର୍ବରୁ ଏଥିରେ ୧୬୭ଟି ଧାରା ଥିଲା । ୨୪ଟି ଧାରା ଓ ୬ଟି ଉପଧାରାକୁ ନୂତନ ଭାବେ ଯୋଡ଼ାଯାଇଛି । ୬ଟି ଧାରାକୁ ଉଚ୍ଛେଦ କରାଯାଇଛି । ବିଶେଷକରି ଭାରତୀୟ ନାଗରିକ ସୁରକ୍ଷା ସଂହିତା ପ୍ରଣୟନ ଆଇନ କ୍ଷେତ୍ରରେ ଯୁଗାନ୍ତକାରୀ ପରିବର୍ତ୍ତନ କରାଯାଇଛି । କାରଣ ପୂର୍ବରୁ ଏଥିରେ ସମୟ ନିର୍ଘଣ୍ଟ ନଥିଲା । ଫଳରେ ତାରିଖ ପରେ ତାରିଖ ହୋଇ ବର୍ଷ ବର୍ଷ ଧରି ମୋକଦ୍ଦମା ଚାଲୁଥିଲା । ଏହି ନୂତନ ଆଇନରେ ୩୫ଟି ଧାରାରେ ସମୟ ନିର୍ଘଣ୍ଟ ଧାର୍ଯ୍ୟ କରାଯାଇଛି । ଗିରଫ, ତଦନ୍ତ, ଆରୋପ ପତ୍ର (ଚାର୍ଜସିଟ) ମାମଲା ଶୁଣାଣି, ସରକାରୀ ଓକିଲ ନିଯୁକ୍ତ, ଜାମିନ, ରାୟ ପ୍ରଦାନ, କ୍ଷମା ଯାଚନା ଆଦି ୩୫ଟି କ୍ଷେତ୍ରରେ ସମୟ ନିର୍ଘଣ୍ଟ ଉଲ୍ଲେଖ କରାଯାଇଛି । ଉପଯୁକ୍ତ ସମୟ ମଧ୍ୟରେ ନ୍ୟାୟାଧୀଶମାନେ ନ୍ୟାୟ ପ୍ରଦାନ କରିବେ । ଥାନାରେ ଏତଲା ତିନିଦିନ ମଧ୍ୟରେ ପଞ୍ଜିକୃତ ହୋଇ ଆବେଦନକାରୀଙ୍କୁ ତା'ର ନକଲ ପ୍ରଦାନ କରାଯିବ। ସେହିପରି ଡାକ୍ତରମାନେ ସାତ ଦିନ ମଧ୍ୟରେ ମାଇନା ରିପୋର୍ଟ ପ୍ରଦାନ କରିବେ । ତଦନ୍ତର ରିପୋର୍ଟ ଆବେଦନକାରୀ ଓ ହିଂସାରେ ଶିକାର ହୋଇଥିବା ବ୍ୟକ୍ତି (ଭିକ୍ଟିମ୍)ଙ୍କୁ ୯୦ଦିନ ମଧ୍ୟରେ ପ୍ରଦାନ କରାଯିବ । ଷାଠିଏ ଦିନ ମଧ୍ୟରେ ତଦନ୍ତ ରିପୋର୍ଟ ପ୍ରଦାନ କରାଯାଇ ବିଚାରପତିମାନେ ଦୋଷାରୋପ ସିଦ୍ଧ (ଚାର୍ଜଫ୍ରେମ) କରିବେ । କୌଣସି ମୁଦାଲା ଗିରଫ ହୋଇନଥିଲେ ମଧ ତା' ବିରୋଧରେ ଶୁଣାଣି କରାଯାଇ ଦଣ୍ଡିତ କରାଯିବ । ପୂର୍ବରୁ ମୁଦାଲା ଗିରଫ ହୋଇନଥିଲେ ତାରିଖ ପରେ ତାରିଖ ହୋଇ ମୋକଦ୍ଦମା ଅବିଳମ୍ବିତ ହେଉଥିଲା । ୯୦ଦିନ ମଧ୍ୟରେ ଶୁଣାଣି (ଟ୍ରାଏଲ) ଶେଷ ହେବ । ତାହାପରେ ନ୍ୟାୟାଧୀଶମାନେ ୪୫ଦିନ ମଧ୍ୟରେ ରାୟ ପ୍ରଦାନ କରିବେ । ଏହାଦ୍ୱାରା ନ୍ୟାୟ ତ୍ୱରିତ ଓ ସୁଲଭ ହୋଇପାରିବ । ଏଣୁ ଏହା ଏକ ଐତିହାସିକ ପଦକ୍ଷେପ । ବିଳମ୍ବିତ ନ୍ୟାୟ ପ୍ରତ୍ୟାକ୍ଷିତ ନ୍ୟାୟ ସଦୃଶ ।ଏହି ଆଇନରେ ମହିଳା ଓ ଶିଶୁ ଅପରାଧୀମାନଙ୍କୁ କଠୋର ଦଣ୍ଡ ବ୍ୟବସ୍ଥା କରାଯାଇଛି । ୧୮ ବର୍ଷରୁ କମ୍ ନାବାଳିକାଙ୍କୁ ଧର୍ଷଣ କଲେ ଅପରାଧୀଙ୍କୁ ଆଜୀବନ କିମ୍ବା ମୃତ୍ୟୁଦଣ୍ଡ ପ୍ରଦାନ କରାଯିବ । ଗଣଧର୍ଷଣ ମାମଲାରେ ୨୦ବର୍ଷ କିମ୍ବା ମୃତ୍ୟୁଦଣ୍ଡ ପ୍ରଦାନ କରାଯିବ ।ଦେଶର ଆଭ୍ୟନ୍ତରୀଣ ଓ ବାହ୍ୟ ସୁରକ୍ଷା ଉପରେ କଠୋର ଆଇନ ପ୍ରଣୟନ କରାଯାଇଛି । ପ୍ରଥମକରି ଆଇନରେ ଆତଙ୍କବାଦକୁ ପରିଭାଷିତ କରାଯାଇଛି । ଭାରତୀୟ ନ୍ୟାୟ ସଂହିତାର ଧାରା ୧୧୩(କ) ଅନୁସାରେ ଯେ କେହି ଭାରତର ଏକତା, ଅଖଣ୍ଡତା, ସାର୍ବଭୌମତ୍ୱ, ସୁରକ୍ଷା କିମ୍ବା ଆର୍ଥିକ ସୁରକ୍ଷା କିମ୍ବା ଭାରତର ସାର୍ବଭୌମତ୍ୱ କିମ୍ବା ଆତଙ୍କବାଦ ସାର୍ବଜନୀନ ଭାବେ ଭାରତରେ କିମ୍ବା ଭାରତ ବାହାରେ ପ୍ରଚାର କରିବେ କିମ୍ବା ବୋମା ବିସ୍ଫୋରକ ଦ୍ରବ୍ୟ, ହାନିକାରକ ଗ୍ୟାସ, ପରମାଣୁ ସହିତ ହତ୍ୟା କରିବାର ଷଡ଼ଯନ୍ତ୍ର କରିବେ କିମ୍ବା ଅର୍ଥ ତସ୍କରୀ କରିବେ ତାହା ଆତଙ୍କବାଦ ପରିସରରେ ଆସିବ । ଏହି ଆତଙ୍କବାଦ ଧାରାରେ ମୃତ୍ୟୁ କିମ୍ବା ଆଜୀବନ କାରାବାସ ଦଣ୍ଡବିଧାନ ଧାର୍ଯ୍ୟ କରାଯାଇଛି । ଏହି ଧାରାରେ କାରାବରଣ (ପାରୋଲ) ମିଳିବ ନାହିଁ । ଏଥିରେ ଯଦି କେହି ସର୍ବସାଧାରଣ ସମ୍ପତ୍ତି ଧ୍ୱଂସ କରିବେ ସେ ମଧ ଏହି ଧାରା ଅନ୍ତର୍ଗତ ଦଣ୍ଡନୀୟ ହେବେ ।ଏହି ଆଇନରେ ସାମୂହିକ ହିଂସା ବା ସାଙ୍ଗଠନିକ ହିଂସା ସମ୍ବନ୍ଧରେ ମଧ କଠୋର ଦଣ୍ଡବିଧାନ କରାଯାଇଛି । ଯଦି ସାମୂହିକ ହିଂସା (ମବ୍ ଲିଚିଂ) ଦ୍ୱାରା କାହାର ହତ୍ୟା ହେଉଛି ତେବେ ସେହି ମୁଦାଲାମାନଙ୍କୁ ହତ୍ୟା କିମ୍ବା ଆଜୀବନ କାରାବାସ ଦଣ୍ଡପ୍ରଦାନ କରାଯିବ । ଯଦି ଏହି ଅପରାଧ ପାଇଁ କେହି ପ୍ରୋତ୍ସାହିତ କରିଥିବେ, ସେ ମଧ ଦଣ୍ଡିତ ହେବେ ।ରାଜଦ୍ରୋହ ଧାରାକୁ ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ କରାଯାଇଛି । ପୂର୍ବରୁ ଭାରତୀୟ ପିଙ୍ଗଳ ଧାରା ୧୨୪(କ)ରେ ଯଦି କେହି ସରକାରଙ୍କ ବିରୋଧରେ ଷଡ଼ଯନ୍ତ୍ର କରିବ ସେ ଦଣ୍ଡିତ ହେବ ବୋଲି ଆଇନ ଥିଲା । କିନ୍ତୁ ଏବେ ଭାରତୀୟ ନ୍ୟାୟ ସଂହିତା ଧାରା ୧୫୨ ଅନ୍ତର୍ଗତ ଯେ କେହି ଭାରତର ଏକତା, ଅଖଣ୍ଡତା ଓ ସାର୍ବଭୌମତ୍ୱ ବିରୋଧରେ ଷଡ଼ଯନ୍ତ୍ର କରିବେ ସେ ଦଣ୍ଡିତ ହେବେ । ଯେ ବିଚ୍ଛିନ୍ନତାବାଦକୁ ପ୍ରୋତ୍ସାହିତ କରିବେ କିମ୍ବା ସାର୍ବଭୌମତ୍ୱ, ଏକତା, ଅଖଣ୍ଡତାକୁ ଧମକ ଦେବେ ସେ ମଧ ଦଣ୍ଡନୀୟଳ ହେବେ ।ଏହି ଆଇନରେ ଆଧୁନିକ କଳାକୌଶଳ (ଟେକ୍‌ନୋଲୋଜି) ଅବଲମ୍ବନ କରିବା ପାଇଁ ପ୍ରାବଧାନ ଅଛି । ତଦନ୍ତର ସମସ୍ତ ପଦକ୍ଷେପ ଏହି ଟେକ୍‌ନୋଲୋଜି ସହାୟତାରେ ହେବ । ସାକ୍ଷ୍ୟ ପ୍ରମାଣର ଗୁଣବତ୍ତା ବୃଦ୍ଧି ପାଇବ । ମୁଦାଲା ଓ ମୁଦେଇ ଦୁଇଜଣଙ୍କ ଅଧିକାର ସୁରକ୍ଷିତ ରହିବ । ଆଧୁନିକ କଳାକୌଶଳର ଯନ୍ତ୍ର ଦେଶର ବିଭିନ୍ନ ସ୍ଥାନରେ ନିର୍ମାଣ କରିବାକୁ ସରକାର ନିର୍ଣ୍ଣୟ ନେଇଛନ୍ତି । ପୁଲିସର କେସ୍ ଡାଏରୀ, ଚାର୍ଜସିଟ ଠାରୁ ଜଜ୍‌ମେଣ୍ଟ ପର୍ଯ୍ୟନ୍ତ ସମସ୍ତ ତଥ୍ୟ କମ୍ପ୍ୟୁଟର ଦ୍ୱାରା ଲିପିବଦ୍ଧ ହେବ । ସମସ୍ତ ପୁଲିସ ଷ୍ଟେସନ ଓ ନ୍ୟାୟାଳୟରେ ଏହା ସଂରକ୍ଷିତ ହୋଇ ରହିବ । ଯେ କୌଣସି ବ୍ୟକ୍ତି ଚାହିଁଲେ ତାହାକୁ ଅବଲୋକନ କରିପାରିବେ । ସାକ୍ଷ୍ୟ ପ୍ରମାଣ ଗ୍ରହଣ ଦୃଶ୍ୟଶ୍ରାବ୍ୟ (ଅଡ଼ିଓ, ଭିଡ଼ିଓ) ଦ୍ୱାରା ହେବ । ଅପରାଧ ଅନୁସନ୍ଧାନ ପାଇଁ ବୈଜ୍ଞାନିକ ପଦ୍ଧତି ଅବଲମ୍ବନ କରାଯିବ । ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏଥିପାଇଁ ଆଧୁନିକ ଯନ୍ତ୍ର ସାମଗ୍ରୀ ଉପଲବ୍ଧ କରାଯିବ । ନେସନାଲ ଫୋରେନ୍‌ସିକ୍ ସାଇନ୍ସ ଏକାଡେମୀ, ପୁନା ଓ ଭୋପାଳଠାରେ କାର୍ଯ୍ୟ କରିବ ।ସର୍ବୋପରି ଏହି ପରିବର୍ତ୍ତିତ ନୂତନ ଆଇନରେ ଅନେକ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରାଯାଇଛି । ଶତକଡ଼ା ଶହେ ଅପରାଧୀ ଯେପରି ଦଣ୍ଡ ପାଇବେ ସେଥିପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି । ପାଶ୍ଚାତ୍ୟ ଓ ଆଧୁନିକ ଶୈଳୀରେ ତଦନ୍ତ, ସାକ୍ଷ୍ୟଗ୍ରହଣ ଓ ଶେଷରେ ରାୟ ପ୍ରକାଶ କରାଯିବ । ସବୁଠାରୁ ଉଲ୍ଲେଖନୀୟ ହେଉଛି ଯେ ଏବେ ନ୍ୟାୟ ବ୍ୟବସ୍ଥା ସରଳ, ସୁଲଭ ଓ ତ୍ୱରିତ ହେବ ।

ଆଡ୍‌ଭୋକେଟ
ଖଟବିନସାହି, କଟକ
ମୋ-୯୪୩୭୦୧୬୩୮୪




# ଅସାମ୍ବିଧାନିକ ଉପାୟରେ ଜିଗ୍ନେସ୍ ମେୱାନିଙ୍କୁ ଗିରଫ କରିବା ନିନ୍ଦନୀୟ

ଭୁବନେଶ୍ୱର (ପିଏନ୍): ଜିଗ୍ନେସ ମେୱାନିଙ୍କୁ ଅସାମ୍ବିଧାନିକ ଉପାୟରେ ଗିରଫ ପ୍ରତିବାଦ ଓ ତୁରନ୍ତ ଖଲାସ ଦାବିରେ ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ବାଙ୍କନିଧି ବେହେରାଙ୍କ ନିର୍ଦ୍ଦେଶକ୍ରମେ ଅନୁସୂଚିତ ଜାତି ବିଭାଗ ପକ୍ଷରୁ ମାନ୍ୟବର ରାଜ୍ୟପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଅଛି । ଶ୍ରୀଯୁକ୍ତ ଜିଗ୍ନେସ ମେୱାନି ଜଣେ ଦକ୍ଷ, ବିଶିଷ୍ଟ ଦଳିତ ନେତା ଓ ବିଧାୟକ ବାଗାଦାମ ବିଧାନସଭା ନିର୍ବାଚନ ମଣ୍ଡଳି (ଗୁଜରାଟ) ଗତ.୨୧.୦୪.୨୦୨୨ତାରିଖ ମଧ୍ୟରାତ୍ରିରେ ଗୁଜୁରାଟର ପାଲାନପୁର ସର୍କିଟ୍ ହାଉସ୍‌ରୁ ଆସାମ ପୋଲିସ୍ ଗିରଫ କରିଛନ୍ତି ବୋଲି ଆମ୍ଭ ନଜରକୁ ଆସିଛି । ନିକଟରେ ବିଜେପି ନେତା ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଅଭିଯୋଗ କରିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ପର୍କରେ ଜିଗ୍ନେସ ମେୱାନି କରିଥିବା ଟ୍ୱିଟ୍ ଏକ ଅବାନ୍ତର । ଆସାମର କୋକ୍ରୋଝର ଜିଲ୍ଲାର ଏକ ବିଜେପି ନେତା ଅରୁପ କୁମାର ଦେଙ୍କ ଅଭିଯୋଗ କ୍ରମରେ ଦର୍ଶାଇଛନ୍ତି ଯେ ଜିଗ୍ନେସ ମେୱାନିଙ୍କ ଟ୍ୱିଟ୍ କିଛି ଗୋଷ୍ଠୀର ଜନସାଧାରଣଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି କରିବ ଓ ସଂହତିରେ ବାଧା ସୃଷ୍ଟି କରିବ । ଜଣେ ବିଜେପି କର୍ମୀଙ୍କ ଅଭିଯୋଗ କ୍ରମେ ଜଣେ ନିର୍ବାଚିତ ଜନପ୍ରତିନିଧିଙ୍କୁ ଏଭଳି ଭାବରେ ଗିରଫ କରାଯିବା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ପର୍କରେ ଏକ ଟ୍ୱିଟ୍‌କୁ ନେଇ ଆସାମ ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱକର୍ମାଙ୍କର ସରକାର ଏକ ଭୀରୁ ଏବଂ ପ୍ରତିଶୋଧପରାୟଣ, ବିଜେପି ସରକାର ବୋଲି ମନେହୁଏ । କେହିବି ଦଳିତ, ଆଦିବାସୀ ଓ ବଂଚିତ ବର୍ଗ ପାଇଁ ସ୍ୱର ଉଠାଇଲେ ବିଜେପି ସରକାର ତାଙ୍କର ପ୍ରତିଶୋଧପରାୟଣ ରୂପ ଦେଖାଇଥାନ୍ତି । ନିକଟରେ ଗୁଜରାଟ ପ୍ରଦେଶର ବିଧାନ ସଭା ନିର୍ବାଚନ ପାଖେଇ ଆସୁଥିବାରୁ କେନ୍ଦ୍ର ବିଜେପି ସରକାର, ଗ୍ୟାସ, ପେଟ୍ରୋଲ, ଡିଜେଲ, ସି.ଏନ୍.ଜି. ଓ ଅତ୍ୟାବଶ୍ୟକୀୟ ଦ୍ରବ୍ୟର ଅହେତୁକ ମୂଲ୍ୟ ବୃଦ୍ଧି ଉପରୁ ଜନସାଧାରଣଙ୍କ ନଜର ହଟାଇବା ଓ କୋଭିଡ୍ ମୃତ୍ୟୁକୁ ନିୟନ୍ତ୍ରଣ କରିବାରେ ଗୁଜରାଟ ସରକାର ବିଫଳ ହୋଇଥିବାରୁ ନିଜର ବଦନାମକୁ ଲୁଚାଇବା ପାଇଁ କ୍ଷମତାର ଅପବ୍ୟବହାର କରି ଏ ସବୁ ହୀନ ଚକ୍ରାନ୍ତ କରୁଛନ୍ତି । ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗ ପକ୍ଷରୁ ଜିଗ୍ନେସଙ୍କୁ ଅସାମ୍ବିଧାନିକ ଉପାୟରେ ଗିରଫ କରାଯାଇଥିବାରୁ ଏ ଘଟଣାର ତିବ୍ର ନିନ୍ଦା କରାଯିବା ସହିତ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ଶାହ, ଓ ଆସାମ ମୁଖ୍ୟମନ୍ତ୍ରୀ ହେମ' ବିଶ୍ୱଶର୍ମା, ଜିଗ୍ନେସଙ୍କୁ ଲିଖିତ ଆକାରରେ କ୍ଷମା ମାଗିବା ସହିତ ତାଙ୍କୁ ଖଲାସ କରି, ତାଙ୍କର ଗୁଜରାଟ ପ୍ରଦେଶର ଲୋକଙ୍କୁ ପଠାଇବାର ସୁବନ୍ଦୋବସ୍ତ କରିବା ପାଇଁ ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ପକ୍ଷରୁ ଦାବ କରାଯାଇଅଛି । ଅଖିଳ ଭାରତୀୟ କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗର ଓ ରାଜ୍ୟ ଅଧ୍ୟକ୍ଷ ଶ୍ରୀ ବାଙ୍କନିଧି ବେହେରାଙ୍କ ନିର୍ଦ୍ଦେଶକ୍ରମେ ଏହି ପ୍ରତିନିଧି ମଣ୍ଡଳୀରେ କଂଗ୍ରେସ ଅନୁସୂଚିତ ଜାତି ବିଭାଗର କର୍ମକର୍ତ୍ତା ସନ୍ତୋଷ କୁମ୍ଭାର, ମାନସ ମଲ୍ଲିକ,ଜାନକି ମଲ୍ଲିକ, ତାପସ ସେଠି ଓ ଜୟନ୍ତ କୁମାର ଭୋଇ ପ୍ରମୁଖ ମାନ୍ୟବର ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ ।

# ଉଜ୍ଜ୍ୱଳ ତାରକାର ଦୁଃଖଦ ଅବସାନ

ଭୁବନେଶ୍ୱର (ପିଏନ୍): ବିଶିଷ୍ଟ ଯୁବ ବୈଜ୍ଞାନିକ ତଥା ଗବେଷକ ଡାକ୍ତର ସୁଜିତ କୁମାର ମହାନ୍ତି ଦୀର୍ଘଦିନ ଧରି ଫୁସ୍‌ଫୁସ୍ ଜନିତ କ୍ୟାନସର୍ ରୋଗରେ ଆକ୍ରାନ୍ତ ହୋଇ ଗତ ଅପ୍ରେଲ ୮ ତାରିଖ ରାତିରେ ଏକ ଘରୋଇ ହସ୍ପିଟାଲ୍‌ରେ ଇହଲୀଳା ସମ୍ବରଣ କରିଛନ୍ତି । ଡକ୍ଟର ସୁଜିତ ମହାନ୍ତି ହେଉଛନ୍ତି ବିଶିଷ୍ଟ ଆଇନଜୀବୀ ତଥା ସମାଜସେବୀ ସୁଧୀର ମହାନ୍ତିଙ୍କ ଦ୍ୱିତୀୟ ପୁତ୍ର । ସୁଜିତ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ କୃତିତ୍ୱର ସହ ବାୟୋ-ଟେକ୍ନୋଲୋଜିରେ ପାସ୍ କରିବା ପରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କେମିକାଲ୍ ଟେକ୍ନୋଲୋଜି, ହାଇଦ୍ରାବାଦରେ ଅଧ୍ୟୟନ କରି ସେଠାରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ପାସ୍ କରିଥିଲେ । ତା'ପରେ ସେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍‌ସ, ବାଙ୍ଗାଲୋରରେ ପଢୁଥିବା ସମୟରେ ବିଭିନ୍ନ ବୈଜ୍ଞାନିକମାନଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସମ୍ପୂର୍ଣ୍ଣ ଛାତ୍ରବୃତ୍ତି ପାଇ ଉଚ୍ଚଶିକ୍ଷା ହାସଲ କରିବାକୁ ଆମେରିକା ଯାଇଥିଲେ । ସେଠାରେ ଆଇ.ଓ.ଡବ୍ଲ୍ୟୁ.ଏ. ୟୁନିଭରସିଟିରେ ବାୟୋକେମିକାଲ୍ ଇଞ୍ଜିନିୟରିଂରେ ପାସ୍ କରିବା ସଙ୍ଗେସଙ୍ଗେ ପି.ଏଚ୍‌ଡି. ହାସଲ କରିଥିଲେ । ଏହାପରେ ଏକ ବେସରକାରୀ କମ୍ପାନୀରେ କାମ କରି ଗବେଷଣା କରିଥିଲେ । ତାପରେ ପୋଷ୍ଟ ଡକ୍ଟରେଟ୍ କରିବା ସମୟରେ ଆମେରିକାର ବିଶିଷ୍ଟ ଓଡ଼ିଆ ଶିଳ୍ପପତି ଡାକ୍ତର ଶୀତିକଣ୍ଠ ଦାସଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ନିଜ ରାଜ୍ୟରେ ଶିଳ୍ପର ବିକାଶ ପାଇଁ କାର୍ଯ୍ୟ କରିବା ପାଇଁ ୨୦୧୯ ମସିହାରେ ଓଡ଼ିଶା ଫେରି ଆସିଥିଲେ । ଭୁବନେଶ୍ୱରରେ ସ୍ୱାଲୋକମ ବାଇଅଭେଞ୍ଚର୍ କମ୍ପାନୀ ଗଠନ କରି କାର୍ଯ୍ୟ ଆରମ୍ଭ କରିବା ସମୟରେ ଦୁଇଥର କୋରୋନାରେ ଆକ୍ରାନ୍ତ ହୋଇଥିଲେ । ଆରୋଗ୍ୟ ଲାଭ କରିଥିଲେ ମଧ୍ୟ ପରବର୍ତ୍ତୀ ପର୍ଯ୍ୟାୟରେ କ୍ୟାନ୍‌ସର୍‌ରେ ଆକ୍ରାନ୍ତ ହୋଇଥିଲେ । ଟାଟା ମେମୋରିଆଲ୍ ହସ୍ପିଟାଲ୍‌ରେ ଚିକିତ୍ସିତ ହୋଇଥିଲେ ମଧ୍ୟ ତାଙ୍କର ସ୍ୱାସ୍ଥ୍ୟାବସ୍ଥାରେ ବିଶେଷ ଅଗ୍ରଗତି ପରିଲକ୍ଷିତ ହୋଇ ନଥିଲା । ଭୁବନେଶ୍ୱରରେ ସମ୍ ହସ୍ପିଟାଲ୍‌ରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଥିଲା । ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ମାତା ରଞ୍ଜିତା ମହାନ୍ତି, ବଡ଼ଭାଇ ଡାକ୍ତର ସୁବ୍ରତ ମହାନ୍ତି, ଭାଉଜ ଲଭଲିନ୍ ମହାନ୍ତି, ସାନଭାଇ ଡକ୍ଟର ସନ୍ଦୀପ ମହାନ୍ତି, ଭାଇବୋହୂ ଡଃ ପ୍ରିୟଙ୍କା ମହାନ୍ତି ଉପସ୍ଥିତ ଥିଲେ ।

# ଲେଖକ ସମବାୟ ସମିତିର ରାଜ୍ୟସ୍ତରୀୟ କବିତା ପାଠ

ଆନନ୍ଦପୁର (ପିଏନ୍): ଆନନ୍ଦପୁର ଲେଖକ ସମବାୟ ସମିତିର ଦଶମ ବାର୍ଷିକ ସାରସ୍ୱତ ସମାରୋହ ଅବସରରେ ଏକ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହର ପ୍ରଥର ପର୍ଯ୍ୟାୟରେ ଅନୁଷ୍ଠିତ ଆସରକୁ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ପାଲାକାର ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ମ ।ସୀନ ଅତିଥି ମାନଙ୍କ ମଧ୍ୟରେ ଅନ୍ୱେସା ସାହିତ୍ୟ ସଂସଦର ସଭାପତି ସୁରେନ୍ଦ୍ର କୁମାର ବେହେରା, କୁଶଳେଶ୍ୱର ସାହିତ୍ୟ ସଂସଦର ଉପସଭାପତି ମଙ୍ଗୁଳି ଚରଣ ପୃଷ୍ଟି, ସମ୍ବାଦ ସାହିତ୍ୟ ଘର ହାଟଡିହୀର ସଭାପତି ଅନ୍ତର୍ଯ୍ୟାମୀ ରାଉତ ଏବଂ ବଉଳା ସାହିତ୍ୟ ସଂସଦର କର୍ମକର୍ତ୍ତା ଅଧ୍ୟାପକ ସୁବାସ ପାତ୍ର, ଶ୍ରୀକାନ୍ତ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସାହିତ୍ୟରେ କବିତାର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ରତ୍ନାକର ଦାସଙ୍କ ସଂଯୋଜନାରେ ଆୟୋଜିତ ଏହି ଭବ୍ୟ କବିତା ପାଠରେ ଯାଜପୁର, ଭଦ୍ରକ, କଟକ, ବାଲେଶ୍ୱର ଓ ମୟୁରଭଂଜ ଅଂଚଳର କବିମାନେ ସେମାନଙ୍କର ସ୍ୱରଚିତ କବିତା ଆବୃତି କରିଥିଲେ । ଆନନ୍ଦପୁର ଅଂଚଳର କବିମାନଙ୍କ ମଧ୍ୟରେ ଧୁମକେତୁ ଦାସ, ଅର୍ଜୁନ ବେହେରା, ମୁରଲୀଧର ବେହେରା, ଉମାକାନ୍ତ ଜେନା, ନରହରି ରାଉତ, ବନମାଳୀ ଜେନା, ଅଭୟ ସାମଲ, ବାମନ ବେହେରା, ସୁଦାମ ଚରଣ ଜେନା, ସୁରେନ୍ଦ୍ର କୁମାର ପରିଡା, ଦଶରଥ ସାହୁ, ରାମଚନ୍ଦ୍ର ଜେନା, ନିରନ ସାହୁ, ଗୋବର୍ଦ୍ଧନ ନାୟକ, ବୈଲୋଚନ ସାହୁ, ଜ୍ୟୋସ୍ନା ଦାସ, ମାଳତୀ ପଣ୍ଡା, କୀର୍ତ୍ତନ ସାହୁ, ରଘୁନାଥ ପଣ୍ଡିତ ପ୍ରମୁଖ କବିମାନେ କବିତା ଆବୃତ୍ତି କରିଥିଲେ । ପ୍ରଥମରେ ଛାତ୍ରୀ ସୁଦେସ୍ନା ସାହୁ ଆବାହନୀ ସଙ୍ଗୀତ ଗାନ କରିଥିଲେ ଓ ଅନୀଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଉରକେଲା ସ୍ୱରେଜ୍ ପ୍ରକଳ୍ପରେ ଦୁର୍ନୀତି ଓ ଅନିୟମିତତା ନେଇ ଏଡିଏମ୍‌ଙ୍କୁ ସାକ୍ଷାତ କଲା ଜିଲ୍ଲା କଂଗ୍ରେସ

ରାଉରକେଲା (ପିଏନ୍): ରାଉରକେଲା ସ୍ୱରେଜ୍ ପ୍ଲାଣ୍ଟ ପ୍ରକଳ୍ପରେ ହୋଇଥିବା ବ୍ୟାପକ ଦୁର୍ନୀତି, ଅନିୟମିତତା ତଥା ବୋର୍ଡ କର୍ତ୍ତୃପକ୍ଷଙ୍କ ତରଫରୁ ଠିକା ସଂସ୍ଥା ଏଲ୍‌ଆଣ୍ଡଟି କମ୍ପାନୀ ବେଆଇନ୍ ଭାବେ ଯୋଗାଇ ଦିଆଯାଉଥିବା ସୁବିଧା ସମ୍ପର୍କରେ ଜିଲ୍ଲା କଂଗ୍ରେସ ତରଫରୁ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମର କମିଶନର ଡ.ଶୁଭଙ୍କର ମହାପାତ୍ରଙ୍କୁ ସାକ୍ଷାତ କରି ସମସ୍ତ ବିଷୟ ଅବଗତ କରାଯାଇଛି । ପ୍ରାୟ ୩୪୮ କୋଟି ଟଙ୍କା ବ୍ୟୟ ମୁରୀରେ ଗତ ୨୦୧୭ ମସିହାରେ ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରାଯାଇ ୨୦୨୦ ଜାନୁୟାରୀ ସୁଦ୍ଧା କାର୍ଯ୍ୟ ସାରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲେ ହେଁ ଅଦ୍ୟାବଧି ତାହା ସମ୍ପୂର୍ଣ୍ଣ ହୋଇ ନାହିଁ । ଯେଉଁ କାର୍ଯ୍ୟ ହାତକୁ ନିଆଯାଇଛି ସେଥିରୁ ବର୍ତ୍ତମାନ ସୁଦ୍ଧା ୨୦ ପ୍ରତିଶତ ବାକି ଥିବାବେଳେ ଯେଉଁ କାମ କରାଯାଇଛି ତାହା ଅତ୍ୟ' ନିମ୍ନମାନର ହୋଇଥିବାରୁ ତାହା ସହରବାସୀଙ୍କ ପାଇଁ ସର୍ବଦା ସମସ୍ୟା ସୃଷ୍ଟି କରୁଛି ବୋଲି କଂଗ୍ରେସ ନେତୃବୃନ୍ଦ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛ଼ି । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦତ୍ତ ଏକ ସ୍ମାରକପତ୍ରରେ କୁହାଯାଇଛି ଯେ, ମୁଖ୍ୟମାର୍ଗର ତାରିଣୀ ମନ୍ଦର ଠାରୁ ରଘୁନାଥପାଲ୍ଲୀ ଥାନା ପର୍ଯ୍ୟ' ଓ ଏସ୍‌ଟିଆଇ ଓଭରବ୍ରିଜ ଠାରୁ ବିରଜାପାଲ୍ଲୀ ଓଭର ବ୍ରିଜ୍ ପର୍ଯ୍ୟ' ସ୍ୱରେଜ୍ ପାଇପ୍ ବିଛାଯାଇ ନାହିଁ । ସେହିପରି ଛେଣ୍ଡ ଭିଏସ୍‌ଏସ୍ ମାର୍କେଟ ଛକଠାରୁ ବିଏସ୍‌ଏନ୍‌ଏଲ ଛକ ପର୍ଯ୍ୟ' ଉଭୟ ପାର୍ଶ୍ୱରେ ମଧ୍ୟ ପାଇପ୍ ବିଛାଯାଇ ନାହିଁ । ମୂଳ ଡ୍ରଇଁରେ ପାଇପ୍ ବିଛାଇବା ବ୍ୟବସ୍ଥା ଥିଲେ ହେଁ କାହିଁକି ଏଠାରେ ପାଇପ୍ ବିଛାଯାଇ ନାହିଁ ଓ ଏ ବାବଦ ଅର୍ଥ କୁଆଡେ ଗଲା ତାହା ଅନୁଧାନ କରିବାକୁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ସେହିପରି ଯେଉଁ ପାଇପ୍ ବିଛା କାର୍ଯ୍ୟ କରାଯାଇଛି ଏଥିରେ ଆବଶ୍ୟକୀୟ ଗ୍ରାନାଇଟ୍ ପଥର ଚିପ୍‌ସ ଓ ଆବଶ୍ୟକୀୟ ବାଲି ଭର୍ତ୍ତି କରାଯାଇନଥିବାରୁ ବିଭିନ୍ନ ସ୍ଥାନରେ ରାସ୍ତା ଦବିଯାଉଥିବା ଦେଖାଯାଉଛି । ଯାହାର ଉଦାହରଣ ହେଉଛି ଜୋଲ୍ ରୋଡ୍, ଛେଣ୍ଡ ମୁଖ୍ୟମାର୍ଗ, ଆଇଟିଆଇ କଳିଙ୍ଗ ବିହାର ରାସ୍ତା, ବାସ'୍ତୀ ପାଣି ଟାଙ୍କି ରାସ୍ତା ଇତ୍ୟାଦି । ଅତ୍ୟ' ନିମ୍ନମାନର କାର୍ଯ୍ୟ କରାଯାଇ ପାଇପ୍ ଲାଇନର ମେନ୍ ହୋଲ ନିର୍ମାଣ କରାଯାଇଥିବାରୁ ସେଗୁଡିକ କେଉଁଠି ରାସ୍ତା ଉପରେ ତ ଆଉ କେଉଁଠି ରାସ୍ତା ତଳେ ରହିଛି । ଫଳରେ ପ୍ରତିଦିନ ଛୋଟବଡ ଦୁର୍ଘଟଣାର କାରଣ ସାଜୁଛି । ପାଇପ୍ ବିଛା କାର୍ଯ୍ୟ ପରେ ରାସ୍ତା ନିର୍ମାଣ କରି ୫ ବର୍ଷ ପାଇଁ ମରାମତି ଓ ରକ୍ଷଣାବେକ୍ଷଣର ଦାୟିତ୍ୱ ଠିକା ସଂସ୍ଥା ଏଲ୍‌ଆଣ୍ଡଟି କମ୍ପାନୀର ହୋଇଥିବା ବେଳେ ସମ୍ପ୍ରତି ଦବିଯାଉଥିବା ଓ ଭୁଷୁଡି ପଡୁଥିବା ରାସ୍ତାଗୁଡିକୁ କାହିଁକି ଆର୍‌ଏମ୍‌ସି ନିର୍ମାଣ କରୁଛି ବୋଲି ଦଳ ତରଫରୁ ପ୍ରଶ୍ନ କରାଯାଇ ଏହାର ଅନଧାନ କରିବାକୁ ଅତିରିକ୍ତ ଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଇଛି । ଛେଣ୍ଡ ବାଗୁଡି ବସ୍ତି ଓ ବ୍ୟାଙ୍କ କଲୋନୀରେ ସ୍ୱରେଜ୍ ପାଇପ୍ ବିଛାଇବା ପାଇଁ ମୂଳ ଡ୍ରଇଁରେ ବ୍ୟବସ୍ଥା ନଥିବା ବେଳେ ଏ ଅ ଳରେ ପ୍ରାୟ ୩୦ ଲକ୍ଷ ଟଙ୍କାର ପାଇପ୍ ବିଛାଯାଇ ପରିତ୍ୟକ୍ତ ଅବସ୍ଥାରେ ଛାଡି ଦିଆଯାଇଛି । ଏହି ପାଇପ୍ ଲାଇନ୍‌କୁ କୌଣସି ମୁଖ୍ୟ ପାଇପ୍ ଲାଇନ୍ ସହିତ ସଂଯୋଗ କରାଯାଇନଥିବାରୁ ଏହି ପାଇପ୍ ବିଛା କାର୍ଯ୍ୟ ନଷ୍ଟ ହେବା ସହିତ ଏ ବାବଦରେ ବୋର୍ଡର ବିପୁଳ ଅର୍ଥ ନଷ୍ଟ ହେବାକୁ ଯାଉଥିବା ଏହାର ଆବଶ୍ୟକୀୟ ଅନୁଧାନ ପାଇଁ ଅନୁରୋଧ କରାଯାଇଛି । ଅପରପକ୍ଷରେ ଉକ୍ତ ଅ ଳରେ ପାଇପ୍ ବିଛା ବାବଦକୁ ଗୁଡାଏ ମିଥ୍ୟା ବିଲ୍ ପ୍ରସ୍ତୁତ କରାଯାଇ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ୍ କରାଯାଇଥିବା କଂଗ୍ରେସ ତରଫରୁ ଅଭିଯୋଗ କରାଯାଇଛି । ପ୍ରତ୍ୟେକ ବାସଗୃହକୁ ସ୍ୱରେଜ୍ ସଯୋଗୀକରଣ ପାଇଁ ସରକାର କିଛି ନିର୍ଦ୍ଦେଶନାମା ଜାରି କରିନଥିବା ବେଳେ ସ୍ଥାନୀୟ ସ୍ୱରେଜ୍ ବୋର୍ଡ କର୍ତ୍ତୃପକ୍ଷ ତାଙ୍କର କିଛି ପୋଷା ଠିକାଦାର ମାଧ୍ୟମରେ ବେଆଇନ୍ ଭାବେ ସ୍ୱରେଜ୍ ସଂଯୋଗୀକରଣ ପାଇଁ ଘର ପିଛା ୨୫ରୁ ୪୦ ହଜାର ଟଙ୍କା ଆଦାୟ କରୁଛ଼ି । ତେଣୁ ଏହା ମଧ୍ୟ ଅନୁଧାନ ସାପେକ୍ଷ ବୋଲି କଂଗ୍ରେସ ତରଫରୁ କୁହାଯାଇଛି । ସେହିପରି ବୋର୍ଡ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ମିତ ସ୍ୱରେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପରିସରରେ ଏଲ୍‌ଆଣ୍ଡଟି କମ୍ପାନୀ ୨ ବର୍ଷ ହେଲା ନିଜ କାର୍ଯ୍ୟାଳୟ ଚଲାଉଥିବା ବେଳେ ୨ଟି କୋଠାକୁ ତାର କର୍ମଚାରୀଙ୍କ ପାଇଁ ଅତିଥି ଭବନ ଭାବେ ବ୍ୟବହାର କରୁଛ । ଏହାର ଭଡା ବାବଦକୁ ଟଙ୍କାଟିଏ ଏଲ୍‌ଆଣ୍ଡଟି କମ୍ପାନୀର ବିଲ୍‌ରୁ କଟାଯାଉନଥିବା ବେଳେ କୋଠାରେ ପାଣି ଓ ବିଜୁଳି ବିଲ୍ ବାବଦକୁ ମାସିକ ଲକ୍ଷାଧିକ ଟଙ୍କା ବୋର୍ଡ କର୍ତ୍ତୃପକ୍ଷ ଭରଣା କରୁଛ଼ି । ସ୍ୱରେଜ୍ ବୋର୍ଡ କର୍ତ୍ତୃପକ୍ଷ ଏଲ୍‌ଆଣ୍ଡଟି କମ୍ପାନୀ ପ୍ରତି କାହିଁକି ଏପରି ଅହେତୁକ ଅନୁକମ୍ପା ପ୍ରଦର୍ଶନ କରି ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହାନୀ କରୁଛ଼ି ତାହା ତଦ' ସାପେକ୍ଷ ବୋଲି ସ୍ମାରକପତ୍ରରେ କୁହାଯାଇଛି । ତେବେ ସ୍ୱରେଜ୍ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ତଦାରଖ ପାଇଁ ରାଜ୍ୟ ସରକାର ସିଙ୍ଗାପୁରର ମେନ୍‌ହରଡାଟ୍ ପ୍ରାଇଭେଟ୍ କମ୍ପାନୀକୁ ୩୪ କୋଟି ଟଙ୍କାରେ ଚୁକ୍ତିବଦ୍ଧ କରିଥିବା ବେଳେ ଉକ୍ତ ସଂସ୍ଥା କ'ଣ ତଦାରଖ କରି କି ରିପୋର୍ଟ ଦେଇଛି ଓ କେତେ ଅର୍ଥ ସେ ବାବଦରେ ସରକାରଙ୍କ ଠାରୁ ନେଇଛି ତାହା ତଦ' ସାପେକ୍ଷ ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ସମ୍ପ୍ରତି କାର୍ଯ୍ୟ ଅଧପ'ରିଆ ଅବସ୍ଥାରେ ଥିବାବେଳେ ସ୍ୱରେଜ୍ ବୋର୍ଡ କର୍ତ୍ତୃପକ୍ଷ ଏଲ୍‌ଆଣ୍ଡଟି କମ୍ପାନୀକୁ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ପ୍ରମାଣପତ୍ର ଦେବା ପାଇଁ ପ୍ରସ୍ତୁତି ଚଳାଇଛ଼ି । ତେଣୁ ଏହି ଘଟଣାରେ ଅତିରିକ୍ତ ଜିଲ୍ଲାପାଳ ହସ୍ତକ୍ଷେପ କରି ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେବା ପର୍ଯ୍ୟ' ପ୍ରକଳ୍ପର ହସ୍ତା'ର ପ୍ରକ୍ରିୟା ବନ୍ଦ ରଖିବାକୁ ସ୍ମାରକପତ୍ରରେ କଂଗ୍ରେସ ତରଫରୁ ଉଲ୍ଲେଖ କରାଯାଇଛି । ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ତଥା ରାଉରକେଲାର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି, ବରିଷ୍ଠ ଉପସଭାପତି ଦେବବ୍ରତ ବିହାରୀ, ଅନ୍ୟତମ ଉପସଭାପତି ସ'ୋଷ ବିଶ୍ୱାଳ ଓ କୀର୍ତ୍ତନ ଦାସ, ପୂର୍ବତନ କାର୍ଯ୍ୟକାରୀ ସଭାପତି ସବୀର ହୁସେନ, ପୂର୍ବତନ ପିସିସି ସମ୍ପାଦକ ଗଣେଶ ପ୍ରଧାନ, ଲିଗାଲ ସେଲ୍ ଅଧ୍ୟକ୍ଷ ବିସ୍ମୟ ଦାସ, ଅସଙ୍ଗଠିତ ଶ୍ରମିକ କଂଗ୍ରେସ ଅଧ୍ୟକ୍ଷ ନିହାର ଦାସ, ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାରସିଂ, ମୁଖପାତ୍ର କୈଳାସ ସାହୁ, ବ୍ଲକ୍ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ, ପୂର୍ବତନ ବ୍ଲକ୍ ସଭାପତି ବିନୋଦ ବିହାରୀ ପଟ୍ଟନାୟକ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ତୁଳସୀ ନାଗ, କାର୍ଯ୍ୟନିର୍ବାହୀ ସଦସ୍ୟ ଭାସ୍କର ଖିଲ୍ଲାର, ଦିଲ୍ଲୀପ ଜେନା, ସେବାଦଳର ବୁଲୁ ଦାସ, ନରେନ୍ଦ୍ର ବର୍ମା ପ୍ରମୁଖ ଉପସ୍ଥିତ ରହି ସ୍ମାରକପତ୍ର ପ୍ରଦାନ ସହିତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

# ଓଡ଼ିଶାରେ ଯୁବ କଂଗ୍ରେସ ପକ୍ଷରୁ ୟଙ୍ଗ୍ ଇଣ୍ଡିଆ କେ ବୋଲ୍ ସିଜିନ-୨ ଶୁଭାରମ୍ଭ

ଭୁବନେଶ୍ୱର (ପିଏନ୍): ଯୁବ କଂଗ୍ରେସ ପକ୍ଷରୁ ରାଷ୍ଟ୍ରୀୟ ଓ ରାଜ୍ୟସ୍ତରୀୟ ଯୁବ ପ୍ରବକ୍ତା ସଂଗ୍ରହ ନିମନ୍ତେ ଭୁବନେଶ୍ୱରରେ 'ୟଙ୍ଗ ଇଣ୍ଡିଆ କେ ବୋଲ ସିଜିନ-୨' ଅଭିଯାନ ଶୁଭାରମ୍ଭ ହୋଇଛି । କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତି ରଂଜନ ଲେଙ୍କା, ୟଙ୍ଗ ଇଣ୍ଡିଆ କେ ବୋଲ ସିଜିନ-୨ର ଓଡ଼ିଶା ପ୍ରଭାରୀ ନମ୍ରତା ସୋନୀ, ଯୁବ କଂଗ୍ରେସ ରାଷ୍ଟ୍ରୀୟ ପ୍ରବକ୍ତା ତଥା ଓଡ଼ିଶା ସହ ପ୍ରଭାରୀ ଜାବେଦ ଖାନଙ୍କ ସମେତ ଯୁବ କଂଗ୍ରେସର ଅନ୍ୟ ପ୍ରଦେଶ ପଦାଧିକାରୀମାନେ ଉପସ୍ଥିତ ରହି ଅଭିଯାନର ଶୁଭାରମ୍ଭ କରିଥିଲେ ।

ଏହି ଅବସରରେ ପ୍ରଭାରୀ ନମ୍ରତା ସୋନୀ କହିଲେ ଯେ ୟଙ୍ଗ ଇଣ୍ଡିଆ କେ ବୋଲ ହେଉଛି ଏଭଳି ଏକ କାର୍ଯ୍ୟକ୍ରମ, ଯାହା ମାଧ୍ୟମରେ ଯୁବବର୍ଗ ନିଜ ଅଂଚଳଠାରୁ ଆରମ୍ଭ କରି ଜାତୀୟସ୍ତରୀୟ ବିଭିନ୍ନ ପ୍ରସଙ୍ଗ ଉପରେ ନିଜର ଦୃଢ଼ ମତ ଉପସ୍ଥାପନ କରିବାର ସୁଯୋଗ ପାଇପାରିବେ । ଏହି ପ୍ରକ୍ରିୟା ପାଇଁ ଏକ ଗୁଗୁଲ ଫର୍ମ ଜାରି କରାଯାଇଛି, ଯାହାକି ମେ ୩୧ ସୁଦ୍ଧା ପୂରଣ କରାଯାଇପାରିବ । ଦ୍ୱିତୀୟ ପର୍ଯ୍ୟାୟରେ ଏହି ଅଂଶଗ୍ରହଣକାରୀମାନଙ୍କୁ ନେଇ ଜିଲ୍ଲାସ୍ତରରେ ବିଭିନ୍ନ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯିବ । ଏଥିରେ କୃତୀ ପ୍ରତିଯୋଗୀ ପରେ ରାଜ୍ୟସ୍ତରୀୟ ଏବଂ ବିଭିନ୍ନ ରାଜ୍ୟରୁ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ, ଯାହାକି ଆସନ୍ତା ଅକ୍ଟୋବର ମାସରେ ଅନୁଷ୍ଠିତ ହେବ ।

ସହ ପ୍ରଭାରୀ ଜାବେଦ ଖାନ ସୂଚନା ଦେଇ କହିଲେ ଯେ ସାରା ଦେଶରେ ଯୁବ ପ୍ରତିଭା ଓ ସାହସୀ ଯୁବବର୍ଗଙ୍କୁ ଖୋଜି ବାହାର କରିବା ନିମନ୍ତେ ରାହୁଲ ଗାନ୍ଧିଙ୍କ ଅଭିନବ ପରିକଳ୍ପନା ସ୍ୱରୂପ ୟଙ୍ଗ ଇଣ୍ଡିଆ କେ ବୋଲ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି । ୨୦୨୧ରେ ଭାରତୀୟ ଯୁବ କଂଗ୍ରେସ ପକ୍ଷରୁ ୟଙ୍ଗ ଇଣ୍ଡିଆ କେ ବୋଲ କାର୍ଯ୍ୟକ୍ରମ ମାଧ୍ୟମରେ ୨୭ଜଣ ରାଷ୍ଟ୍ରୀୟ ପ୍ରବକ୍ତା ଓ ୨୫୦ରୁ ଊର୍ଦ୍ଧ୍ୱ ପ୍ରଦେଶସ୍ତରୀୟ ପ୍ରବକ୍ତାଙ୍କୁ ଚୟନ କରାଯାଇଥିଲା । ରାହୁଲ ଗାନ୍ଧିଙ୍କ ଏହି ପରିକଳ୍ପନାକୁ ପୁଣି ଥରେ ସାକାର କରିବା ନିମନ୍ତେ ଭାରତୀୟ ଯୁବ କଂଗ୍ରେସ ରାଷ୍ଟ୍ରୀୟ ପ୍ରଭାରୀ କ୍ରିଷ୍ଣା ଆଲାବାରୁଙ୍କ ମାର୍ଗ ଦର୍ଶନ ତଥା ଭାରତୀୟ ଯୁବ କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷ ବି.ଭି ଶ୍ରୀନିବାସଙ୍କ ନେତୃତ୍ୱରେ ଦେଶବ୍ୟାପୀ ୟଙ୍ଗ ଇଣ୍ଡିଆ କେ ବୋଲ ସିଜିନ-୨ ଆରମ୍ଭ ହୋଇଛି । ଗତ ୨୬ ମାର୍ଚ୍ଚରୁ ଯୁବ କଂଗ୍ରେସ ରାଷ୍ଟ୍ରୀୟ କାର୍ଯ୍ୟାଳୟଠାରେ ଉଦ୍‌ଘାଟିତ ହୋଇଥିବା ଏହି ଅଭିଯାନ ବିଭିନ୍ନ ରାଜ୍ୟରେ କରାଯାଉଛି । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସମ୍ପାଦକ ଜ୍ଞାନ ରନ ରାଉତ, ବୀରେନ କୁମାର ଦଳେଇ, ଆଶୁତୋଷ ଲେଙ୍କା, ଶ୍ରୀବତ୍ସ ରଥ, ମନିଷା ଦାଶ ପଟ୍ଟନାୟକ, ରାକେଶ ଦାସ, ରିତୁଲ ମହାରଣା, ସୌମ୍ୟରଂଜନ ମିଶ୍ର, ଅକ୍ଷୟ କୁମାର ମଲ୍ଲ, ହରିଶଙ୍କର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ବୈଠକ

ଖୋର୍ଦ୍ଧା (ପିଏନ)- ଖୋର୍ଦ୍ଧା ଜିଲ୍ଲା ସଦର ମହକୁମାରେ ଜିଲ୍ଲା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ବୈଠକ ସଭାପତି ଅଗାଧୁ ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସରକାରଙ୍କ ଶିକ୍ଷା ଓ ଶିକ୍ଷକ ମାରଣ ନୀତିକୁ ତୀବ୍ର ସମାଲୋଚନା କରିବା ସହ ଦୀର୍ଘ ୬ ବର୍ଷ ଧରି ସରକାରଙ୍କ ପକ୍ଷରୁ ଏ ପର୍ଯ୍ୟନ୍ତ ନୂତନ ଶିକ୍ଷକ ନିଯୁକ୍ତି କରି ନାହାନ୍ତି । ଫଳରେ ବହୁ ଶିକ୍ଷକ ପଦବୀ ଖାଲି ପଡିଥିବାବେଳେ ବିଦ୍ୟାଳୟରେ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇପଡିଛି । ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି ଯୋଗୁଁ ଗୁଣାତ୍ମକ ମାନ ବୃଦ୍ଧି ପାଇନାହିଁ ବୋଲି ସଂଘ ଅଭିଯୋଗ କରିଛି । ତେବେ ଶିକ୍ଷକମାନଙ୍କର ବିଭିନ୍ନ ସମସ୍ୟାରୁ ଶିକ୍ଷା ଅଧିକାରୀମାନେ ସମାଧାନ କରିପାରି ନାହାନ୍ତି । ସମସ୍ତ ଜିଲ୍ଲାର ଶିକ୍ଷକଙ୍କ ପଦୋନ୍ନତି ଦିଆଯାଇଥିବା ବେଳେ ଖୋର୍ଦ୍ଧା ଜିଲ୍ଲାରେ ଲେବୁଲ୫(କ)ରୁ ୫(ଖ)ରୁ ଲେବୁଲ ୪କୁ ପଦୋନ୍ନତି କରାଯାଉନାହିଁ । ଶିକ୍ଷକମାନଙ୍କୁ ନିଜ ବ୍ଲକକୁ ବଦଳି କରିବା, ବେଗୁନିଆ ବ୍ଲକର ଯେଉଁ ଶିକ୍ଷକମାନଙ୍କର ୧୦ ବର୍ଷ ପୂରଣ ହୋଇଛି ସେମାନଙ୍କୁ ଏମଏସପି ସୁବିଧା ଦେବା, ମାସର ପ୍ରଥମ ଦିନର ଦରମା ପ୍ରଦାନ କରିବା ଓ ଶିକ୍ଷକମାନଙ୍କୁ ଡିଆଇସି ପାସ ବୁକ ପ୍ରଦାନ କରାଯାଉ ନଥିବାରୁ ନେତୃବୃନ୍ଦ ଅସନ୍ତୋଷ ପ୍ରକାଶ କରିଥିଲେ ।

# ସମ୍ବଲପୁର ପୁସ୍ତକମେଳା ଦ୍ୱିତୀୟ ଦିବସ

ସମ୍ବଲପୁର,(ପି.ଏନ): ନ୍ୟାସନାଲ ବୁକ୍? ଟ୍ରଷ୍ଟ, ଇଣ୍ଡିଆ ଓ 'ସେତୁ' ସମ୍ବଲପୁର ଆନୁକୂଲ୍ୟରେ ଆୟୋଜିତ ସମ୍ବଲପୁର ପୁସ୍ତକମେଳାର ଦ୍ୱିତୀୟ ଦିବସରେ ସାଢେ ୧୧ଟାରୁ ସାଢେ ୨ଟା ପର୍ଯ୍ୟନ୍ତ ଶିଶୁମାନଙ୍କ କାର୍ଯ୍ୟକ୍ରମରେ ଆସ ଓଡ଼ିଶୀ ଶିଖିବା, ସୁନୋ କାହାନୀ, ଆବୃତ୍ତି ପ୍ରତିଯୋଗିତା ଓ ଶାସ୍ତ୍ରୀୟ ନୃତ୍ୟ ପ୍ରତିଯୋଗିତା ହୋଇଥିଲା । ଏଥିରେ ୨୦ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଆସନ୍ତାକାଲି ମଙ୍ଗଳବାର ୱାର୍ଲଡଅଫ୍ ଷ୍ଟୋରୀ ଲ୍ୟାଣ୍ଡ, ଚିତ୍ରାଙ୍କନ ପ୍ରତିଯୋଗିତା ଓ ଦେଶାତ୍ମବୋଧକ ନୃତ୍ୟ ପ୍ରତିଯୋଗିତା ହେବ । ଅପରାହ୍ନ ୪ଟାରୁ ୬ଟା ପର୍ଯ୍ୟନ୍ତ ସାରସ୍ୱତ କାର୍ଯ୍ୟକ୍ରମରେ ଲେଖକଙ୍କ ସହିତ ସାକ୍ଷାତକାରରେ ସୋମବାର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ସୌଭାଗ୍ୟବନ୍ତ ମହାରଣା ଏବଂ ବିଶିଷ୍ଟ କବି ଡ. ପ୍ରଦୀପ କୁମାର ପଣ୍ଡା ଯୋଗ ଦେଇଥିଲେ । ଏଥିରେ ସରକାରୀ ମହିଳା ମହାବିଦ୍ୟାଳୟ ଓଡ଼ିଆ ବିଭାଗ ପ୍ରଫେସର ଅଖିଳ ମୋହନ ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ । ଏହାପରେ ଆଲୋଚ଼ନାଚ଼କ୍ରର ବିଷୟବସ୍ତୁ ଥିଲା - ଜାତୀୟ ଶିକ୍ଷାନୀତି ୨୦୨୦ : ମାତୃଭାଷାର ମହତ୍ତ୍ୱ । ଏହି ସଭାରେ 'ସେତୁ' ସଭାପତି ଡ. ମୀନକେତନ ପାଠୀ ଅଧ୍ୟକ୍ଷତା କରିଥିବାବେଳେ ଗଙ୍ଗାଧର ମେହେର କଲେଜର ପ୍ରାକ୍ତନ ଉପାଧ୍ୟକ୍ଷ ଡ. କାମଦେବ ସାହୁ ଓ ଡ. ପରଶୁରାମ ମିଶ୍ର ଅଗ୍ରଗାମୀ ଶିକ୍ଷା ପ୍ରତିଷ୍ଠାନର ପୂର୍ବତନ ଅଧ୍ୟକ୍ଷା ଡ. ନିରୁପମା ବଡ଼ପଣ୍ଡା ବିଷୟବସ୍ତୁ ଉପରେ ନିଜସ୍ୱ ମନ୍ତବ୍ୟ ରଖିଥିଲେ । ଏଥିରେ ଭିମସାରର ଭାରପ୍ରାପ୍ତ ନିର୍ଦ୍ଦେଶକ ଡା. ବିମଳ ପଣ୍ଡା ଅତିଥି ଭାବେ ଯୋଗ ଦେଇଥିଲେ । ବକ୍ତାମାନେ ଶିଶୁର ବ୍ୟକ୍ତିତ୍ୱ ବିକାଶରେ ମାତୃଭାଷାର ମହତ୍ତ୍ୱ ଏବଂ ତତ୍? ପରିପ୍ରେକ୍ଷୀରେ ଜାତୀୟ ଶିକ୍ଷାନୀତିରେ ହୋଇଥିବା ବ୍ୟବସ୍ଥାମାନ ଆଲୋଚ଼ନା କରିଥିଲେ । ପ୍ରଫେସର କାମଦେବ ସାହୁ ମାତୃଭାଷାର ସଜ୍ଞା ନିରୂପଣ କରିବାକୁ ଯାଇ କହିଥିଲେ ଯେ, ଭାଷା ସଂସ୍କୃତି ସହିତ ଓତଃପ୍ରୋତ ଭାବେ ଜଡ଼ିତ । ଏଣୁ ଶିଶୁର ପରିବାରର ଭାଷା ଯାହା ହୋଇଥାଉନା କାହିଁକି ସେ ଯେଉଁ ପରିବେଷ୍ଟନୀରେ ବଢ଼ିଥାଏ ସେଠିକାର ସଂସ୍କୃତି ହିଁ ତାର ଭାଷା ନିରୁପଣ କରିଥାଏ । ଡ. ବଡ଼ପଣ୍ଡା ତାଙ୍କ ନିଜସ୍ୱ ଉପଲବ୍ଧିରୁ ଉଦାହରଣ ଦେଇ କହିଲେ ଯେ, ଜନଜାତି ସମ୍ପ୍ରଦାୟର ଶିଶୁ ମାନଙ୍କୁ ଶିକ୍ଷାଦାନ ସମୟରେ ତାଙ୍କ ନିଜ ଭାଷା ଓ ସଂସ୍କୃତିକୁ ନେଇ ଶିକ୍ଷାଦାନ ପ୍ରଣାଳୀ ହେବା ଉଚ଼ିତ । ଡ. ପାଠୀ ସବୁଠାରେ ଦ୍ୱିଭାଷିକ ଶିକ୍ଷା ଦିଆଯିବା ଉଚ଼ିତ ବୋଲି କହିବାସହ ସମ୍ବିଧାନରେ ଅଷ୍ଟମ ସୂଚ଼ୀରେ ଅନ୍ତର୍ଭୁକ୍ତ ହୋଇଥିବା ସମସ୍ତ ଭାଷାରେ ପାଠ୍ୟପୁସ୍ତକ ଉପଲବ୍ଧ କରାଇବା ଉପରେ ଗୁରୁତ୍ୱାରୋପ କରିଥିଲେ । ଆସନ୍ତାକାଲି ଲେଖକଙ୍କ ସହିତ ସାକ୍ଷାତକାରରେ କବି ରାମକୃଷ୍ଣ ଓ ଦୁର୍ଗାପ୍ରସାଦ ପଣ୍ଡା ଥିବାବେଳେ ଆଲୋଚ଼ନାଚ଼କ୍ରରେ 'ସ୍ୱାଧୀନତା ସଂଗ୍ରାମ : ସମ୍ବଲପୁରର ସଂଗ୍ରାମୀ' ରହିଛି ।ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦିପ୍ତୀରେଖା ଓ ଦଳ ଦର୍ଶକଙ୍କୁ ବିମୋହିତ କରିଥିଲେ । ଅସୀମ ପ୍ରଧାନ ଓ ସିମନ୍ତିକା ଦାସ ଉଦ୍?ଘୋଷକ ଦାୟିତ୍ୱ ତୁଲାଇଥିଲେ । ମଙ୍ଗଳବାର ବିଷ୍ଣୁମୋହନ ଓ ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ ।

DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email. yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ୧୯୮୭ବାଣିଜ୍ୟ ସ୍ନାତକ ବନ୍ଧୁମିଳନ



ଭଦ୍ରକ,(ପି.ଏନ): ଗତ ତା ୨୧.୧.୨୪ରିଖ ରବିବାର ଦିନ ବାଙ୍କୀ ନିକଟବର୍ତ୍ତୀ ଦେବିଦ୍ୱାର ଠାରେ ଭଦ୍ରକ -୧୯୮୭ ବାଣିଜ୍ୟ ସ୍ନାତକ ମାନଙ୍କର ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି । ଏ ବର୍ଷର ଥିମ ଥିଲା 'ବନ୍ଧୁ ପାଇଁ ଦିନଟିଏ' । ଦୀର୍ଘ ୩୭ବର୍ଷ ତଳର ସ୍ମୃତିକୁ ସତେଜ କଲାବେଳେ ଉପସ୍ଥିତ ସମସ୍ତ ବନ୍ଧୁମାନେ ଭାବ ପ୍ରବଣ ହୋଇ ପଡ଼ିଥିଲେ । ୩୭ବର୍ଷ ତଳେ ଖଣ୍ଡିଉଡ଼ା ଦେଉଥିବା ବିହଙ୍ଗ ମାନେ ସମୟର ସମସ୍ତ ପ୍ରତିକୂଳକୁ ସାମ୍ନା କରି ନିଜର ନୀଡ ଗଢିଛନ୍ତି । ପୁନଶ୍ଚ ଏକାଠି ହେଲାବେଳେ ପୁରୁଣା ଦିନକୁ ଫେରିଯିବାକୁ ବ୍ୟଗ୍ର ହୋଇଛନ୍ତି । ଜୀବନ ଯୁଦ୍ଧରେ କେତେଜଣ ହାରିଯାଇଛନ୍ତି । 'ଏଣୁ କିଏ କହିବ, ଆଜି ଭେଟ ହୋଇଥିବା ବନ୍ଧୁ କାଲି ଦେଖାହେବ କି ନାହିଁ? ଏଣୁ ୩୬୫ଦିନ ମଧ୍ୟରୁ 'ବନ୍ଧୁପାଇଁ ଦିନଟିଏ' ଦେବାକୁ କହିଲା ବେଳେ ପ୍ରଫେସର ସନ୍ଦୀପ ଘୋଷ ଭାବପ୍ରବଣ ହୋଇ ପଡ଼ିଥିଲେ । ଉପସ୍ଥିତ ଶତାଧିକ ବନ୍ଧୁମାନଙ୍କ ମଧ୍ୟରେ ମନଖୋଲା । ଭାବ ବିନିମୟ ହୋଇଥିଲା । ସଞ୍ଜୟ କୁମାର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ବନ୍ଧୁ ମିଳନରେ ଅନ୍ୟମାନଙ୍କ ମଧ୍ୟରେ ଅସୀମ ପାଲ, ସନ୍ଦୀପ କୁମାର ଘୋଷ,ପ୍ରତିଭା ରଞ୍ଜନ ମହାରଣା, ଅରୁଣ କୁମାର ବିଶ୍ୱାଳ, ଦିଲ୍ଲୀପ କୁମାର ରଥ, ସଞ୍ଜୟ କୁମାର ରାଉଳ, ଅଜୟ କୁମାର ମଲ୍ଲିକ, ବିଭାସ ମଲ୍ଲ, ପ୍ରଦୀପ କୁମାର ରାଉତ, ପର୍ଶୁରାମ ପ୍ରଧାନ, ରାଜ କିଶୋର ଜେନା, ନକୁଳ କୁମାର ବେହେରା, ସୁଶାନ୍ତ କୁମାର ନାୟକ, ଦେବାନନ୍ଦ ପାଣି, ସୁରଥ କୁମାର ଦାସ, ଗୌର ଚନ୍ଦ୍ର ମହାନ୍ତି, ବିଶ୍ୱନାଥ ଜେନା, ଶୁକଦେବ ନାୟକ,ପ୍ରଶାନ୍ତ କୁମାର ମିଶ୍ର, ରଶ୍ମିରଂଜନ ମହାନ୍ତି, ଲୋକନାଥ ଦାସ ଓ ବିଭୁତି ସାହୁ ଆଦି ଅନେକ ବନ୍ଧୁ ମାନେ ଯୋଗ ଦେଇଥିଲେ ।ଉପସ୍ଥିତ ବନ୍ଧୁ ପତ୍ନୀ ମାନଙ୍କ ସୁଲଳିତ ସଂଗୀତ ମୂର୍ଚ୍ଛନା ପରିବେଶ କୁ ଭାବମୟ କରିଦେଇଥିଲା ।

# ଅନୁକୂଳଚନ୍ଦ୍ରଙ୍କ ୧୩୬ତମ ଶୁଭ ଆବିର୍ଭାବ ମହୋତ୍ସବ ପାରାଦୀପରେ ଅନୁଷ୍ଠିତ

ପାରାଦୀପ,(ପି.ଏନ): ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ୧୩୬ ତମ ଶୁଭ ଆବିର୍ଭାବ ମହୋତ୍ସବ ତଥା ପାରାଦ୍ୱୀପ ଆଞ୍ଚଳିକ ସତସଙ୍ଗ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ରବିବାର ଦିନ ପାରାଦ୍ୱୀପ ସ୍ଥିତ ଜୟଦେବ ସଦନ ପ୍ରାଙ୍ଗଣରେ ମହା ସମାରୋହରେ ଆୟୋଜିତ ଏହି ଉତ୍ସବକୁ ମୁଖ୍ୟ ଅତିଥି ଭାବେ ପାରାଦୀପ ବନ୍ଦର ପ୍ରାଧିକରଣ ବୋର୍ଡ ସଦସ୍ୟ ଶ୍ରୀକାନ୍ତ ରାୟ ଯୋଗଦେଇ ସୁଭ ଉଦଘାଟନ କରିଥିଲେ କ୍ଷ ରବିବାର ବ୍ରାହ୍ମ ମୁହୂର୍ତ୍ତରୁ ଆରମ୍ଭ କରି ରାତ୍ରି ପର୍ଯ୍ୟନ୍ତ ପ୍ରଭାତ ଉଷା କୀର୍ତ୍ତନ, ସମବେତ ଉଷା ବିନତି ପ୍ରାର୍ଥନା, ପବିତ୍ର ଉତ୍ସବ ଉଦ୍ ?ଘାଟନ, ନଗର କିର୍ତ୍ତନ ପରିକ୍ରମା, ସତସଙ୍ଗ ଭଜନ, ଶିଶୁମାନଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା,ମାତୃ ସମ୍ମିଳନୀ,ସଙ୍ଗୀତାଞ୍ଜଳୀ, ସମବେତ ସଂନ୍ଧ୍ୟା ବିନତି ପ୍ରାର୍ଥନା, ସତସଙ୍ଗ ସଦାଲୋଚ୍ନା, ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉତ୍ସବର ଉଦଯାପନୀ ସନ୍ଧ୍ୟାରେ ପାରାଦୀପ ବନ୍ଦର ଚ଼ିକିତ୍ସାଳୟର ଉପ ମୁଖ୍ୟ ଚ଼ିକିତ୍ସାଧିକାରୀ ଡା.ଦୁର୍ଗା ପ୍ରସାଦ ସେଠୀ, ବନ୍ଦର ସମ୍ପଦ ଅଧିକାରୀ ବିଶ୍ୱଜିତ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ବିଭିନ୍ନ ବିଦ୍ୟାଳୟର କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ କ୍ଷ ପାରାଦୀପ ସତସଙ୍ଗ ବିହାର ସଭାପତି ଲଳିତ କୁମାର ହୋତା, ପଣ୍ଡିତ ହୃଷି ପ୍ରସାଦ ଆଚ଼ାର୍ଯ୍ୟ, ମାନସ କୁମାର ପ୍ରଧାନ, ପ୍ରଫୁଲ୍ଲ ଚ଼ନ୍ଦ୍ର ନାୟକ, ନିରଞ୍ଜନ ଜେନା, ସତ୍ୟବାନ ତ୍ରିପାଠୀ, ନିରୋଦ ଆଚ଼ାର୍ଯ୍ୟ, ଅମୀୟ ପାଲ, ମନୋରଞ୍ଜନ ଦାସ, ନିତ୍ୟାନନ୍ଦ ମହାନ୍ତି, ଦିଲିପ କୁମାର ଦାସ, ସୌରିକାନ୍ତ ପରିଜା ପ୍ରମୁଖ ଯୋଗଦେଇ ଶ୍ରୀ ଶ୍ରୀ ଠାକୁରଙ୍କ ଜୀବନୀ ଓ ଅଭୟ ବାଣୀ ଉପରେ ଆଲୋକପାତ କରିଥିଲେ । ଇଂ. ସ୍ମୃତି ରଞ୍ଜନ ବେହୁରା, ଅଲେଖ ଚ଼ନ୍ଦ୍ର ଖଟୁଆ, ମାନସ ରଂଜନ ସାହୁ, ସୁଶାନ୍ତ କୁମାର ବେହେରା, ପ୍ରିତୀ ସୁନ୍ଦର ସ୍ୱାଇଁ, ରାଜବଲ୍ଲଭ ଦାସ, ସୁବାସ ଦାସ, ରଘୁନାଥ ମହାନ୍ତି, ଅଜୟ ଧଳ ପ୍ରମୁଖଙ୍କ ସହିତ ପାରାଦୀପ ସତସଙ୍ଗ ବିହାରର ସମସ୍ତ ଭାଇ ଓ ମା'ମାନଙ୍କ ସହଯୋଗରେ ମହାମହୋତ୍ସବ ସଫଳତାର ସହ ଆୟୋଜିତ ହୋଇଥିଲା । ପାରାଦୀପ ସହିତ ଜଗତସିଂହପୁର ଜିଲାର ବିଭିନ୍ନ ସ୍ଥାନରୁ ସଂଖ୍ୟାଧିକ ଗୁରୁଭାଇ ଓ ମା' ଏବଂ ସତସଙ୍ଗ ପ୍ରେମୀ ଏହି ସତସଙ୍ଗ ଉତ୍ସବର ସାନିଧ ଲାଭ କରିଥିଲେ । ତେବେ ସେହି ଦିନ ଅପରାହ୍ନ ରେ ସତସଙ୍ଗ ପରିସର ନିକଟରେ ଏକ ସଂଗଠନର ନେତାଙ୍କ ଶକ୍ତି ପ୍ରଦର୍ଶନ କାର୍ଯ୍ୟକ୍ରମ ଯୋଗୁଁ ସେଠାରେ ଚ଼ାଲିଥିବା ଆଧାତ୍ମିକ କାର୍ଯ୍ୟକ୍ରମ ରେ ବ୍ୟାଘାତ ସୃଷ୍ଟି ହୋଇଥିଲା । ଯାହାକୁ ନେଇ ସାଧାରଣରେ ଆଧ୍ୟାତ୍ମିକ ଓ ଭଗବତ ପ୍ରେମୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ସୃଷ୍ଟି କରିଥିଲା । ତେବେ ଏପରି ଏକ ଧାର୍ମିକ କାର୍ଯ୍ୟକ୍ରମ ଚ଼ାଲିଥିବା ସ୍ଥାନ ନିକଟରେ ପ୍ରଶାସନ କିପରି ଅନ୍ୟ ଏକ ଅନୁଷ୍ଠାନକୁ କାର୍ଯ୍ୟକ୍ରମ କରିବାକୁ ଅନୁମତି ଦେଲା, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

# ଆସନ୍ତା ୨୪ରେ ରେମୁଣା ମହୋତ୍ସବ ଉଦ୍‌ଘାଟନ ନେଇ ସାମ୍ବାଦିକ ସମ୍ମିଳନୀ

ବାଲେଶ୍ୱର,(ପି.ଏନ): ଆସନ୍ତା ୨୪ ତାରିଖରୁ ରେମୁଣା ମହୋତ୍ସବର ୧୬ତମ ସଂସ୍କରଣ ଆରମ୍ଭ ହେବ ଏବଂ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ୮ଦିନ ଭିତରେ ଭରପୁର ମନୋରଞ୍ଜନର ସାଧନ ସହିତ କିଣାବିକା ଏବଂ ଭଲିକିଭଲି ଖାଦ୍ୟର ପସରା ଲାଗିବ ବୋଲି ଆଜି ରେମୁଣା ମହୋତ୍ସବ କମିଟି ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି । ମହୋତ୍ସବ ପଡ଼ିଆରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମହୋତ୍ସବ ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, କମିଟି ସଭାପତି ବିଶ୍ୱମ୍ଭର ପଟ୍ଟନାୟକ ଏବଂ ସମ୍ପାଦକ ସନ୍ତୋଷ ରଣା ବିସ୍ତୃତ ସୂଚନା ପ୍ରଦାନ କରିଥିଲେ । ଏ ବର୍ଷ ମହୋତ୍ସବରେ ମିନା ବଜାର ସାଙ୍ଗକୁ ବିଭିନ୍ନ ସରକାରୀ ବେସରକାରୀ ମିଶି ଦେଢ଼ ଶହ ଷ୍ଟଲ, ଦୋଳି, ଚକ୍ରି ଲାଗିବ । ଠୁଙ୍କା ପୁରୀ, ମଥୁରା କେକ୍, ଲଙ୍କା ଚପ, ଚାଟ୍, ଗୁପଚୁପ୍‌ର ପସରା ଲାଗିବ । ଘରକରଣା ଜିନିଷ ସାଙ୍ଗକୁ ସୌଖୀନ ସାମଗ୍ରୀ ମଧ୍ୟ କିଣିବାକୁ ମିଳିବ । ପ୍ରତି ସଂନ୍ଧ୍ୟାରେ ଲୋକାଲ ଟ୍ୟାଲେଂଟଙ୍କ ଦ୍ୱାରା ନୃତ୍ୟ, ଗୀତର ଆସର ସାଙ୍ଗକୁ ମନମୋହକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ସାନ୍ଧ୍ୟ ସଭାରେ ରାଜନୈତିକ ବ୍ୟକ୍ତିବିଶେଷ, ସାହିତ୍ୟିକ, ସାମ୍ବାଦିକ, ଲେଖକ, କଳାକାର, ଆଦି ଯୋଗଦେବେ । ଶେଷ ସଂନ୍ଧ୍ୟାରେ ତରଙ୍ଗ ଓ ଜିସାର୍ଥକ ଚ୍ୟାନେଲ କଳାକାରଙ୍କୁ ନେଇ ଓଲିଉଡ ସିନେ ଆୱାର୍ଡ଼ ଅନୁଷ୍ଠିତ ହେବ । ୨୦୦୯ ମସିହାରୁ ୧ଲକ୍ଷ ୨୦ ହଜାର ଟଙ୍କା ବଜେଟରୁ ଆରମ୍ଭ ହୋଇଥିବା ରେମୁଣା ମହୋତ୍ସବ ଏବେ୨୫ ଲକ୍ଷ ଟଙ୍କାର ବଜେଟରେ କରାଯାଇଛି ବୋଲି ସଂପାଦକ ଶ୍ରୀ ରଣା କହିଛନ୍ତି । ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ମୁଖ ପତ୍ର ରମ୍ୟ ରେମୁଣା ଉନ୍ମୋଚିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି । ୨୪ତାରିଖ ଉଦଘାଟନୀ ଶୋଭାଯାତ୍ରା, ଦିନ ୩ଟାରେ ମନ୍ଦିର ଛକ ନିକଟରୁ ବାହାରିବ । ଏଥିରେ ଚଢ଼ିଆ ନାଚ, ସାନ୍ତାଳି ନୃତ୍ୟ ସାଂଙ୍ଗକୁ ଢ଼େଙ୍କାନାଳର ଏକ ବିଶେଷ ନୃତ୍ୟ ଦଳ ଭାଗନେବେ । ସ୍ଥାନୀୟ ସ୍କୁଲ କଲେଜର ଛାତ୍ରଛାତ୍ରୀ ଓ କଳାକାର ଭାଗନେବେ ବୋଲି ସୂଚନା ଦିଆଯାଇଛି ।

# ଜ୍ୟୋତି ମହିଳା ସମିତି ବାର୍ଷିକୋତ୍ସବ ଓ ନେତାଜୀ ଜୟନ୍ତୀ ପାଳିତ



ପାରାଦୀପ,(ପି.ଏନ): ପାରାଦୀପର ସର୍ବପୁରାତନ ଜ୍ୟୋତି ମହିଳା ସମିତିର ବାର୍ଷିକୋତ୍ସବ ଓ ନେତାଜୀ ଜୟନ୍ତୀ ମଙ୍ଗଳବାର ଦିନ ବଡପଡିଆସ୍ଥିତ ମହିଳା ସମିତି ପରିସରରେ ଆୟୋଜିତ ହୋଇଯାଇଛି । ମହିଳା ସମିତିର ସଭାନେତ୍ରୀ ପୁଷ୍ପାଂଜଳୀ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ବିବରଣୀ ପାଠ କରିଥିଲେ ସମ୍ପାଦିକା ଲିପିକା ସାହୁ । ଅତିଥିମାନେ ନେତାଜୀଙ୍କ ଫଟୋଚିତ୍ରରେ ପୁଷ୍ପଗୁଚ୍ଛ ପ୍ରଦାନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ନିମନ୍ତ୍ରିତ ଅତିଥି ଭାବେ ପାରିଷଦ ସୌଦାମିନୀ ସାହୁ , ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସ୍ୱାସ୍ଥ୍ୟସେବିକା ପ୍ରେମଲତା ବାରିକ, ବରିଷ୍ଠ ସାମ୍ବାଦିକ ସଂଜୟ କୁମାର ମିଶ୍ର, ସାକ୍ଷରତା ସମିତିର ପ୍ରକଳ୍ପ ସଂଯୋଜକ ଅଶୋକ ମହାପାତ୍ର, ସହ ପ୍ରକଳ୍ପ ସଂଯୋଜିକା ଝରଣା ନାୟକ ଯୋଗ ଦେଇଥିଲେ । ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରର କୁନି ଛାତ୍ରୀ ସ୍ୱୟଂସିଦ୍ଧା ମିଶ୍ର ନେତାଜୀଙ୍କ ଜୀବନୀ ସମ୍ପର୍କରେ ଚମ୍‌କାର ଅଭିଭାଷଣ ପ୍ରଦାନ କରିଥିଲେ । ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ପବିତ୍ର ଜନ୍ମ ଦିବସ ଉପଲକ୍ଷେ ଅତିଥି ମାନେ ସେମାନଙ୍କ ତ୍ୟାଗପୂତ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଉତ୍ସବକୁ ହରପ୍ରିୟା ସାହୁ, ମୋନାଲିସା ସାହୁ, ମାନସୀ ସାହୁ, ରଶ୍ମିତା ସ୍ୱାଇଁ,ରଂଜିତା ମହାନ୍ତି, ତୁଳସୀ ମିର୍ଦ୍ଧା, ରୋଜାଲିନ୍ ଧଳ, ଅନସୂୟା ବେଉରା, ଇତିଶ୍ରୀ ସାମଲ, ସିତା ରଣା,ରେଣୁବାଳା ସାହୁ ପ୍ରମୁଖ ପରିଚାଳନା କରିଥିଲେ ।

# ଲାଞ୍ଜିଆରେ ସଚେତନତା କାର୍ଯ୍ୟକ୍ରମ



କୁକୁଡାଖଣ୍ଡି (ଇପିଲି ପୂର୍ଣ୍ଣଚ଼ନ୍ଦ୍ର),(ପି.ଏନ): ରାଜ୍ୟ ସରକାରଙ୍କ ଆମ ଓଡ଼ିଶା ନବୀନ ଓଡ଼ିଶା ପଞ୍ଚାୟତ ସ୍ତରୀୟ ସଚେତନତା ଶିବିର କାର୍ଯ୍ୟକ୍ରମ ମଙ୍ଗଳବାର ଦିନ କୁକୁଡ଼ାଖଣ୍ଡି ବ୍ଲକ ଲାଞ୍ଜିଆ ରେ ଅନୁଷ୍ଠିତ ହୋଇଯାଇଛି । ଗ୍ରାମାଞ୍ଚଳର ଭିତ୍ତିଭୂମିକୁ ସୁଦୃଢ କରିବା ପାଇଁ ରାଜ୍ୟ ସରକାର ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଆରମ୍ଭ କରିଥିଲା ବେଳେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମୀଣ ଓଡ଼ିଶାର ରୂପାନ୍ତରଣ ଯାତ୍ରାକୁ ଆଗକୁ ନେବା ମୂଳ ଲକ୍ଷ ରହିଥିଲା । ତେବେ ବର୍ତ୍ତମାନ ଗ୍ରାମାଞ୍ଚଳର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଅଧୀନରେ ଲାଞ୍ଜିଆ ପଞ୍ଚାୟତ ସ୍ତରୀୟ ସଚେତନତା ଶିବିର ଆୟୋଜନ କରାଯିବା ସହିତ ଗ୍ରାମାଞ୍ଚଳର ସର୍ବାଙ୍ଗୀନ ବିକାଶ ପାଇଁ ପଞ୍ଚାୟତ ସ୍ତରରେ ପ୍ରାଥମିକ ଶିକ୍ଷାର ଉନ୍ନତିକରଣ, ସାଂସ୍କୃତିକ ଭିତ୍ତିଭୂମିର ବିକାଶ, ବିଭିନ୍ନ ଗୋଷ୍ଠୀଭିତ୍ତିକ ଆବଶ୍ୟକୀୟ ପ୍ରକଳ୍ପ, ମିଶନଶକ୍ତି ଗୃହ, ଡିଜିଟାଲ ସେବା ନିମନ୍ତେ ଆବଶ୍ୟକୀୟ ଭିତ୍ତିଭୂମିର ବିକାଶ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ପାଇଁ ଯୋଜନା ପ୍ରସ୍ତୁତ କରି ବିଭିନ୍ନ ପଦକ୍ଷେପ ନିଆ ଯାଉଛି । ଏହି ସମସ୍ତ ସେବାକୁ ଲୋକମାନଙ୍କ ପାଖରେ ପହଞ୍ଚାଇବା ସହ ପଞ୍ଚାୟତ ସ୍ତରୀୟ ସଚେତନତା ଶିବିର କାର୍ଯ୍ୟକ୍ରମ ମାଧ୍ୟମରେ ଲୋକ ମାନଙ୍କୁ ସଚେତନତା କରାଯାଇଛି । ଆୟୋଜିତ ଏହି ପଞ୍ଚାୟତ ସ୍ତରୀୟ ସଚେତନତା ଶିବିରକୁ ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ଡ଼ା ପଲ୍ଲବୀ ସ୍ୱାଇଁଙ୍କ ଅଧ୍ୟକ୍ଷତା କରିଥିଲେ ବେଳେ କୁକୁଡ଼ାଖଣ୍ଡି ପଞ୍ଚାୟତ ସମିତି ଅଧ୍ୟକ୍ଷ କାମାକ୍ଷା ପ୍ରସାଦ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରି ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ଏଥିରେ ସମ୍ମାନୀତ ଅତିଥିଭାବେ ସରପଞ୍ଚ ଅନିଲକୁମାର ଗୌଡ଼, ପିଇଓ ଅଶୋକ ପଟନାୟକ, ସମିତିସଭ୍ୟ କାହ୍ନୁ ପାତ୍ର,ରାଧା ମୋହନ ସେଠି, ଜଗନ୍ନାଥ ଭୂୟାଁ,ବଶିଷ୍ଠ କୁମାର ଜେନା, ଦେବାଶିଷ ସେଠୀ, ବନ୍ଦନା ସେଠି , ଜିତେନ୍ଦ୍ର ସେଠୀ, ଏଇ ଅନୁରାଗ ରଥ,ବିଏସଏସଓ ମନୋଜ ପ୍ରଧାନ,ଡବ୍ଲୁଇଓ ଅମୃତ ପଣ୍ଡା, ଅଙ୍ଗନବାଡ଼ି ସୁପ୍ରଭାଇଜର, ଜିଆରଏସ ଯୋଗାଣ ସହାୟକ ସମେତ ଏମବିକେ, ସିଆରପି, ଅଙ୍ଗନବାଡ଼ି କର୍ମୀ ଆଶାକର୍ମୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଗ୍ରାମବାସୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ । ଶେଷ ରେ ଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।


MAHARISHI PUBLIC SCHOOL

2024-2025



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ


# ସାଇ ପବ୍ଲିକ ସ୍କୁଲରେ ନେତାଜୀ ଜୟନ୍ତୀ ପାଳିତ



ବାସୁଦେବପୁର,(ପି.ଏନ): ନେତାଜୀ ସୁବାଷଙ୍କ ୧୨୭ତମ ଜୟନ୍ତୀ ସାଇ ପବ୍ଲିକ ସ୍କୁଲ ବାସୁଦେବପୁର ରେ ପାଳିତ ହୋଇଯାଇଛି। ଏହି ଜୟନ୍ତୀ ଅବସରରେ ସ୍କୁଲ ର ଚେୟାରମ୍ୟାନ ସୁଜାତା ପାଣିଗ୍ରାହୀ ମୂଖ୍ୟ ଅତିଥି ଭାବେ ଯୋଗ ଦେଇ ନେତାଜୀ ଙ୍କ ର ଜୀବନ ବିଷୟ ରେ ଆଲୋଚନା କରିଥିଲେ। ସମ୍ମାନୀତ ଅତିଥି ତଥା ସ୍କୁଲ ର ନିର୍ଦ୍ଦେଶକ ପୂର୍ବତନ ଅଧ୍ୟକ୍ଷ ଶ୍ରୀ ଯୁକ୍ତ କୃପାସିନ୍ଧୁ ମହାନ୍ତି ନେତାଜୀ ଙ୍କ ଆଦର୍ଶ ରେ ଅନୁପ୍ରାଣିତ ହେବା ପାଇଁ ଛାତ୍ର ଛାତ୍ରଛାତ୍ରୀ ମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଅଧ୍ୟକ୍ଷ ଶ୍ରୀ ଯୁକ୍ତ ତପନ କୁମାର ପାଢ଼ୀ ଭାରତୀୟ ସଂସ୍କୃତି କୁ ଦେଶ ବିଦେଶ ରେ ପରିଚିତ କରାଇବା ନେତାଜୀ ଙ୍କ ଅବଦାନ ବିଷୟରେ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟ ର ବରିଷ୍ଠ ଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସର ରେ ବିଦ୍ୟାଳୟ ର ସମସ୍ତ ଛାତ୍ର ଛାତ୍ରୀ ଓ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଉପସ୍ଥିତ ରହି ସଫଳ କରାଇ ଥିଲେ।

## ଚିତ୍ରରେ ମୁକ୍ତି ସଂଗ୍ରାମର ଯୋଦ୍ଧାଙ୍କୁ ଶ୍ରଦ୍ଧାଳି

ଭୁବନେଶ୍ୱର,(ପି.ଏନ): ମହାନ୍ ସ୍ୱାଧୀନତା ସଂଗ୍ରାମୀ, ଦେଶଭକ୍ତ ତଥା ଆଜାଦ୍ ହିନ୍ଦ୍ ଫୌଜ୍‌ର ମହାନ୍ ଜନନାୟକ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଙ୍କ ଜନ୍ମ ଜୟନ୍ତୀ ଅବସରରେ ତାଙ୍କର ବୀରତ୍ୱ, ବଳିଦାନ, ଅଦମ୍ୟ ସାହାସ ଓ ଅସୀମ ଦେଶ ପ୍ରେମର ସ୍ମୃତିକୁ ମନେ ପକାଇଛନ୍ତି ଭୁବନେଶ୍ୱର ଭୀମଟାଙ୍ଗି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୪ର୍ଥ ଶ୍ରେଣୀର ଛାତ୍ର ଶାନ୍ତନୁ ଶାନ୍ତିସ୍ୱରୂପ । କେବଳ ପେନ୍‌ସିଲ୍‌କୁ ବ୍ୟବହାର କରି ଶ୍ରଦ୍ଧାର ସହ ନିଖୁଣ ରୂପେ ଆଙ୍କିଛନ୍ତି ଏହି ଜନନାୟକଙ୍କର ଫଟୋଚିତ୍ର ଏବଂ ଜଣାଇଛନ୍ତି ଭକ୍ତିପୂତ ଶ୍ରଦ୍ଧାଳି । ସେ କୁହନ୍ତି ବ୍ରିଟିଶ୍ ଶାସନରୁ ଭାରତ ସ୍ୱାଧୀନତା ପାଇବାରେ ନେତାଜୀଙ୍କ ଅବଦାନ ଅବିସ୍ମରଣୀୟ । ତାଙ୍କର ନୀତି, ଆଦର୍ଶ ଏବଂ ତ୍ୟାଗକୁ ଅନୁସରଣ କଲେ ଦେଶ ସମୃଦ୍ଧ ହୋଇଯିବ । କମ୍ ବୟସରେ ଶାନ୍ତନୁଙ୍କ ଏଭଳି ଚିନ୍ତାଧାରାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯିବା ସହ ସ୍ୱାଗତ କରାଯାଇଛି ।

# ଶ୍ରୀଜଗନ୍ନାଥ ନିକେତନ ଠାରେ ବାଲ ମୁକୁନ୍ଦ କେନ୍ଦ୍ର ତରଫରୁ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ହନୁମାନ ଚାଳିଶା ପଠନ

ପାରଳାଖେମୁଣ୍ଡି,(ତାରିଣୀ ପ୍ରସାଦ ପଣ୍ଡା)(ପି.ଏନ): ଅଯୋଧ୍ୟା ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ମୂରଲୀଧର ପରିଚ୍ଛାଙ୍କ ସହଯୋଗରେ ବାଲ ମୁକୁନ୍ଦ କେନ୍ଦ୍ରର ପୁରୋଧା ହରେ ରାମ କୃଷ୍ଣ ଚୌଧୁରୀ ପାରଳାଖେମୁଣ୍ଡି ପରିଚ୍ଛା ମଠ ବିଜେ ଶ୍ରୀ ରସିକରାଜ ମହାପ୍ରଭୁଙ୍କ ଯଥାରୀତି ପୂଜାର୍ଚ୍ଚନା କରି ପ୍ରତିଷ୍ଠା ମହୋତ୍ସବରେ କୌଣସି ବାଧାବିଘ୍ନ ନ ଆସି ବହୁ ଆଡ଼ମ୍ବରରେ ହେବା ନିମନ୍ତେ ପ୍ରାର୍ଥନା କରିଥିଲେ । ସେଠାରୁ ସଂଯୋଜକ ନିତ୍ୟାନନ୍ଦ ଚୌଧୁରୀ ଶ୍ରୀ ଜଗନ୍ନାଥ ନିକେତନ (ଅନାଥ ଆଶ୍ରମ), ରାଜସୀତାପୁର, ଗୋଷାଣି ବ୍ଲକ ଭ୍ରାମ୍ୟମାଣ କରି ଅନ୍ତେବାସୀଙ୍କ ଗହଣରେ ଶ୍ରୀରାମ



ନାମ ସଂକୀର୍ତ୍ତନ ଏବଂ ହନୁମାନ ଚାଳିଶା ପଠନ କରାଇଥିଲେ । ଅଯୋଧ୍ୟାରେ ନିର୍ଦ୍ଧାରିତ ମୁହୂର୍ତ୍ତରେ ପ୍ରାଣ ପ୍ରତିଷ୍ଠା ସମୟରେ ଏଠାରେ ପିଲାମାନେ ଧ୍ୟାନସ୍ଥିତିରେ ବସି ରୂପଧ୍ୟାନ କରି ରାମ କାର୍ଯ୍ୟରେ ଲିପ୍ତ ରହିବା ପାଇଁ ସଂକଳ୍ପ ନେଇଥିଲେ।ଏଥିରେ ମେସ୍ତି ଲିଙ୍ଗରାଜ ପ୍ରଧାନ ସହଯୋଗ କରିଥିଲେ ।

# ସଂଗ୍ରାମୀ ସୁଭାଷ ବୋଷଙ୍କ ୧୨୭ତମ ଜୟନ୍ତୀ ପାଳିତ

ବ୍ରହ୍ମପୁର,(ପି.ଏନ): ବିଶିଷ୍ଟ ଜାତୀୟବାଦୀ ରାଜନେତା ତଥା ମହାନ ବିପ୍ଳବୀ ସ୍ୱାଧୀନତା ସଂଗ୍ରାମୀ ଓଡ଼ିଆ। ସ୍ୱାଭିମାନର ପ୍ରତୀକ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୭ତମ ଜୟନ୍ତୀ ପାଳନ ଅବସରରେ ସ୍ଥାନୀୟ ଗାନ୍ଧିନଗର ଛକସ୍ଥିତ ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତିରେ ବରିଷ୍ଠ ନାଗରିକମାନଙ୍କ ଦ୍ୱାରା ମାଲ୍ୟାର୍ପଣ ସହ ଶ୍ରଦ୍ଧାସୁମନ ଜ୍ଞାପନ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ନବୀନର ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ରବି ରଥ ତାଙ୍କ ଭାଷଣରେ ବର୍ତ୍ତମାନ ପରିସ୍ଥିତିରେ ଦେଶର ସୁରକ୍ଷା ପାଇଁ



ସାଲିସ ବିହୀନ ନେତୃତ୍ୱ ସୃଷ୍ଟି ହୋଇପାରିଲେ ନେତାଜୀଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି କହିଥିଲେ। ଶ୍ରୀ ରଥ କହିଲେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କୁ ଜାତୀୟ ବୀର ଭାବେ ବର୍ଣ୍ଣନା କରି ଏକ ନୂତନ ସମୃଦ୍ଧ ଓ ଶକ୍ତିଶାଳୀ ଗଣତନ୍ତ୍ର ଦେଶ ଗଠନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷାବିତ୍ ? ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, ସୁଧୀର ରାଉତ, ରାଜେନ୍ଦ୍ର ପଣ୍ଡା, ସମାଜସେବୀ ବଂଶୀଧର ଭୂୟାଁ, ଆଡ଼ଭୋକେଟ ଶିବ ପ୍ରସାଦ ମିଶ୍ର, କବିରାଜ ସାହୁ, ସୁରେନ୍ଦ୍ର ନାଥ ପଣ୍ଡା ପ୍ରମୁଖ ଯୋଗଦେଇ ନେତାଜୀଙ୍କ ସ୍ୱାଧୀନତା ସଂଗ୍ରାମର ଇତିହାସ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲେଚନା କରାଯାଇ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ କହିଥିଲେ ।

# ପୋଲସରା ଓଁ ଶାନ୍ତି ବ୍ରହ୍ମାକୁମାରୀ ଶିବ ସନ୍ଦେଶ ଭବନର ରଜତ ଜୟନ୍ତୀ ମହୋତ୍ସବ

ଭୁବନେଶ୍ୱର,(ପି.ଏନ): ପୋଲସରା ଓଁ ଶାନ୍ତି ବ୍ରହ୍ମାକୁମାରୀ ଶିବ ସନ୍ଦେଶ ଭବନ ର 'ରଜତ ଜୟନ୍ତୀ ମହୋତ୍ସବ'ଅନୁଷ୍ଠିତ ହୋଇଯାଇଛି।ମାନ୍ୟବର ଆସ୍କା ସାଂସଦ ଶ୍ରୀମତୀ ପ୍ରମିଳା ବିଷୋୟୀ ଏବଂ ମାନ୍ୟବର ବିଧାୟକ ପୋଲସରା ଶ୍ରୀକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଛନ୍ତି। ରାଜ୍ୟ ଓ ରାଜ୍ୟ ବାହାରୁ ଆସିଥିବା ଓଁ ଶାନ୍ତି ପରିବାର ର ସଦସ୍ୟ ସଦସ୍ୟା ଓ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ।



## ନାମ ସଙ୍କୀର୍ତ୍ତନ, ହୋମ ଯଜ୍ଞ ସହ ହରିଶଙ୍କର ଛକ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦଯାପିତ

ଖପ୍ରାଖୋଲ,(ପିଏନ) ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ସଦର ମହକୁମା ଠାରୁ ତିନି କିମି ଦୂର ହରିଶଙ୍କର ଛକ ଠାରେ ନିର୍ମିତ ହନୁମାନ ମନ୍ଦିର ର ପ୍ରତିଷ୍ଠା ଉତ୍ସବ ମଙ୍ଗଳବାର ଉଦଯାପିତ ହୋଇଯାଇଛି। ପବିତ୍ର ବେଦ ମନ୍ତ୍ର, ହୋମ ଯଜ୍ଞ, ନାମ ସଙ୍କୀର୍ତ୍ତନ, ସୁନ୍ଦରା କାଣ୍ଡ ପାରାୟଣ, ଅନ୍ନ ପ୍ରସାଦ ବଣ୍ଟନ ସହ ପ୍ରତିଷ୍ଠା ଉତ୍ସବ ଶେଷ ହୋଇଛି। ପାଞ୍ଚ ଦିନ ଧରି ଉତ୍ସବ ମୁଖର ହୋଇଥିବା ପ୍ରତିଷ୍ଠା ଉତ୍ସବ ଷୋହଳ ପ୍ରହାର ନାମ ସଙ୍କୀର୍ତ୍ତନ ସହ ଉଦଯାପିତ ହୋଇଥିଲା। ଉଦଯାପନୀ ପରେ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଥିଲା କର୍ତ୍ତା ଓ ଶ୍ରଦ୍ଧାଳୁ ମାନେ କଳସ ନେଇ ଖପ୍ରାଖୋଲ ସରକାରୀ କଟା ରେ ଭସାଇ ଥିଲେ।

# ମହାକୁର ସିଂ ମାଝୀ ମେମୋରିଆଲ ସପ୍ତମ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ନୂଆପଡ଼ା,(ପି.ଏନ): ନୁଆପଡ଼ା ଜିଲ୍ଲା କୋମନା ବ୍ଲକ ଅନ୍ତର୍ଗତ ବାଲିଖମାର ଖେଳ ପଡିଆରେ'ମହାକୁର ସିଂ ମାଝୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ୨୦୨୪' ଉଦ୍ ?ଯାପିତ ହୋଇଯାଇଛି ।ଏହି ଟୁର୍ଣ୍ଣାମେଣ୍ଟ ବାଲିଖମାର 'ମା ଦୁଆର ସେନି କ୍ରିକେଟ କ୍ଲବ' ଦ୍ୱାରା ଅମାୟୋଜନ କରାଯାଇଥିଲା।ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟ ସ୍ୱର୍ଗତ ମହାକୁର ସିଂ ମାଝୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରତିବର୍ଷ ଆୟୋଜନ କରାଯାଏ। ଶ୍ରୀମାଝୀଏହି ଅଞ୍ଚଳର ପ୍ରଥମ ଉଚ୍ଚଶିକ୍ଷିତ ଭାବରେ ପରିଗଣିତ ହେଉଥିଲେ ଓ ସେ କଟକ ରେଭେନ୍ସା ମହାବିଦ୍ୟାଳୟ ରୁ ଡିଗ୍ରୀ ହାସଲ କରିଥିଲେ। ସେ ବିଭିନ୍ନ ପଦପଦବୀରେ ନିର୍ବାଚିତ ହୋଇ ଏହି ଅଞ୍ଚଳର ବିଭିନ୍ନ ସମସ୍ୟାକୁନେଇ ସରକାରଙ୍କ ପାଖରେ ଉତ୍ ?ଥାପନ କରି ସମସ୍ୟାର ସମାଧାନ କରୁଥିଲେ।ସେ ଜଣେ ଏହି ଅଞ୍ଚଳର ବିଶିଷ୍ଟ ସମାଜସେବୀ, ଲୋକପ୍ରିୟ ନେତା, ଓ ଜଣେ ଭଲ କ୍ରିଡା ବିତ ଥିଲେ।ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମୂଖ୍ୟ ଅତିଥି ଭାବରେ ଭଗତ ରାମ ମାଝୀ ଏସଡିସି ଚ୍ୟାରମେନ, ଅନୁସୂୟା କୁମ୍ଭାର କୋମନା ବ୍ଲକ ଚ୍ୟାରମେନ, କାଲିଆ ପ୍ରଧାନ ସିଆଲଲଟି ସରପଞ୍ଚ, ବିଦ୍ୟସିଂ ମାଝୀ, ରୁଦ୍ର ସିଂ ମାଝୀ, ଗୁପ୍ତ ?ଶ୍ୱର କୁମ୍ଭାର ସମାଜସେବୀ, ଭାନୁ ପ୍ରତାପ ସିଂ ମାଝୀ ଜିଲ୍ଲା ଆଦିବାସୀ ସଂଘ ସଭାପତି, କମଲେସ ସିଂ ଠାକୁର, କପାଟ ମାଝୀ, ମନସାଏ ଧରୁଆ ଓ ହଲଧର ଧରୁଆ ଯୋଗ ଦେଇଥିଲେ।ଏହି ଟୁର୍ଣ୍ଣାମେଣ୍ଟରେ ଫାଇନାଲରେ ବଞ୍ଜାରୀଦଳ ଓ ବାଲିଖମାର ଦଳ ମଧ୍ୟରେ ଖେଳ ହୋଇଥିଲା। ବଞ୍ଜାରୀ ଦଳ ବିଜେତା ହୋଇ ୧୮୦୦୦ଟଙ୍କା ପୁରସ୍କୃତ ହୋଇଥିବା ବେଳେ ବାଲିଖମାର ଦଳ ୨ୟ ସ୍ଥାନ ଅଧିକାର କରି ୧୨୦୦୦ଟଙ୍କା ପୁରସ୍କୃତ ହୋଇଥିଲା। ମେନଅଫ ଦି ସିରିଜ ଉଦିତ ମାଝୀ ଥିବାବେଳେ ମେନଅଫ ଦି ମ୍ୟାଚ୍ ରେ ଧରମ ରହିଥିଲେ।ବାଲିଖମାର ମା ଦୁଆରସେନି କ୍ରିକେଟ କ୍ଲବର ସଦସ୍ୟମାନେ -ଅଜିତ ମାଝୀ ସଭାପତି ତଥା ସ୍ୱର୍ଗତ ମହାକୁର ସିଂ ମାଝୀଙ୍କ ସୁପୁତ୍ର, ଉଜଳ ସିଂ ମାଝୀ ସଂପାଦକ, ଜ୍ଞାନେଶ୍ୱର ମାଝୀ ଆଦିବାସୀ ସଂଘ କୋମନା ବ୍ଲକ ସଭାପତି, ମାଧବ ମାଝୀ, ଉଦିତ ମାଝୀ, ଦିଗବିଜୟ ମାଝୀ, ହେମରାଜ ମାଝୀ, ଦୁସ୍ମନ୍ତ ମାଝୀ, ଅରୁଣମାଝୀ, ପ୍ରେମ ସିଂ ମାଝୀ, କିଶୋର ମାଝୀ, ହବିନ ମାଝୀ, ନିଳାମ୍ବର ମାଝୀ, ଦିନେଶ ମାଝୀ, ବିଶ୍ୱନାଥ ମାଝୀ, ରାଜେନ୍ଦ୍ର ମାଝୀ ଓ ଅନ୍ୟାନ୍ୟ ମାନେ ସହଯୋଗ କରିଥିଲେ।

# ଖପ୍ରାଖୋଲ ପୋଲିସ ର ଚଢ଼ାଉ, ବୋଲେର ସହ ଛଅ ଦାଦନ ଶ୍ରମିକ ଉଦ୍ଧାର, ଜଣେ ମଧ୍ୟସ୍ଥି କୋର୍ଟ ଚାଲାଣ

ଖପ୍ରାଖୋଲ ,(ପିଏନ) ଖପ୍ରାଖୋଲ ଥାନା ପୋଲିସ ଚଢ଼ାଉ କରି ଏକ ବୋଲେର ସହ ତିନି ଶିଶୁ ସମେତ ୬ଦାଦନ ଶ୍ରମିକ ଉଦ୍ଧାର କରି ଜଣେ ମଧ୍ୟସ୍ଥି କୁ ମଙ୍ଗଳବାର କୋର୍ଟ ଚାଲାଣ କରିଥିବା ପୋଲିସ ସୂଚନା ଦେଇଛି। ସୂଚନା ଅନୁସାରେ ସୋମବାର ରାତି ରେ ଖପ୍ରାଖୋଲ ପୋଲିସ ପୁତୁଲା ମହୁଲ ଗାଁ ନିକଟରେ ପେଟ୍ରୋଲିଂ କଲାବେଳେ ଏକ ବୋଲେରୋ ରେ କିଛି ଶ୍ରମିକ ଚାଲାଣ ହେଉଥିବା ସନ୍ଧ ?ହ କରି ପଚ୍ଚରା ଉଚ୍ଚରା ବେଳେ ଶ୍ରମିକ ମାନଙ୍କୁ ତେଲେଙ୍ଗାନା ର ଓ୍ୱରଙ୍ଗଲ କୁ ଇଟା କାମ ପାଇଁ ବେ ଆଇନ ଭାବରେ ଚାଲାଣ କହୁଥିବା ଜାଣି ଶ୍ରମିକ ମାନଙ୍କୁ ଉଦ୍ଧାର କରିଥିଲେ। ଉଦ୍ଧାର ସମସ୍ତ ଶ୍ରମିକ ପୁତୁଲା ମହୁଲ ଗାଁ ର ବୋଲି ଜଣାଯାଇଛି। ଏନେଇ ଖପ୍ରାଖୋଲ ଥାନା କେସ ନମ୍ବର ୨୮/୨୪ରେ ଏକ ମାମଲା ରୁଜୁ କରି ଶ୍ରମିକ ଚାଲାଣ ହେଉଥିବା ବୋଲେର ଗଡି (ଓ ଆର ୦୮ଏଫ୍ ୧୨୬୬) କୁ ଜବତ କରିବା ସହ ମଧ୍ୟସ୍ଥି ମହରାପଦର ପଞ୍ଚାୟତ ବାଘ ଝରଣ ଗାଁ ର ଗୁରୁଦେବ ବାରିକ (୨୯) କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଖପ୍ରାଖୋଲ ଥାନା ଅଧିକାରୀ ରମାକାନ୍ତ ସାହୁ ପ୍ରକାଶ କରିଛନ୍ତି।

# ଡିଏଭି କଳିଙ୍ଗନଗର ପରିସରରେ ପରାକ୍ରମ ଦିବସ ଉପଲକ୍ଷେ ରକ୍ତଦାନ ଶିବିର ତଥା ମହର୍ଷିଦୟାନନ୍ଦ ସରସ୍ୱତୀଙ୍କର ୨୦୦ବର୍ଷ ଜନ୍ମ ବାର୍ଷିକୀ ଅନୁଷ୍ଠିତ




ଭୁବନେଶ୍ୱର,(ପି.ଏନ): - ଡିଏଭି କଳିଙ୍ଗ ନଗରରେ ପରାକ୍ରମ ଦିବସ ଉପଲକ୍ଷେ ରକ୍ତଦାନ ଶିବିକର ତଥା ଆର୍ଯ୍ୟ ସମାଜର ପ୍ରତିଷ୍ଠାତା ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କର ୨୦୦ବର୍ଷ ଜନ୍ମ ବାର୍ଷିକୀ ପାଳନ କରାଯାଇଛି । ଉତ୍କଳ ମାତାର ଦୁଇ ମହାନାୟକ ସୁଭାଷ ଚନ୍ଦ୍ର ବୋଷ ଓ ସୁରେନ୍ଦ୍ର ସାଏଙ୍କ ଜୟନ୍ତୀପାଳନ ଅବସରରେ ବିଦ୍ୟାଳୟର ଅଧକ୍ଷ, ପର୍ଯ୍ୟବେକ୍ଷକ ପର୍ଯ୍ୟବେକ୍ଷିକା, ଶିକ୍ଷକଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଏହି ଦୁଇ ମହାନ ସ୍ୱାଧୀନତା ସଂଗ୍ରାମୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆଞ୍ଚଳିକ ରେଡକ୍ରସ ସଂସ୍ଥା ଭୁବନେଶ୍ୱର,ଡାକ୍ତର ଗୀତାଞ୍ଜଳି ମିଶ୍ର, ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୁଇ ମୁକ୍ତି ସଂଗ୍ରାମୀଙ୍କ ଜୀବନାଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ କରିଥିଲେ । ଛାତ୍ରୀ ଅନ୍ୱ ?ଷା ପଟ୍ଟନାୟକ ଓ ଅଭ୍ୟର୍ଥନା ସାମନ୍ତ ମଧ ଦୁଇ ଦେଶଭକ୍ତଙ୍କ ଉପରେ ଅଭିଭାଷଣ ଦେଇଥିବାବେଳେ ଶିକ୍ଷୟିତ୍ରୀ ଡକ୍ଟର ଇତିଶ୍ରୀ ଗିରି ସ୍ୱରଚିତ କବିତା ପାଠ କରିଥିଲେ । ଏହି ଅବସରରେ ଆମ ଓଡିଶା ଓ ରେଡକ୍ରସ ସଂସ୍ଥା ଭୁବନେଶ୍ୱରଙ୍କ ମିଳିତ ଆନୁକୁଲ୍ୟରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା । ଆୟୋଜିତ ଏହି ଶିବିରରୁ ଅଭିଭାବକ ଏବଂ ଶିକ୍ଷକଶିକ୍ଷୟିତ୍ରୀମାନଙ୍କଠାରୁ ପଚାଶ ୟୁନିଟରୁ ଊର୍ଦ୍ଧ୍ୱ ରକ୍ତ ସଂଗୃହିତ ହୋଇଛି । ଛାତ୍ରଛାତ୍ରୀମାନଙ୍କ ଦ୍ୱାରା "ରକ୍ତଦାନ ମହାପୁଣ୍ୟ" ନାମକ ଏକସଚେତନ ମୂଳକ କ୍ଷୁଦ୍ର ନାଟକ ପରିବେଷଣ କରଯାଇଥିଲା । ପରିଶେଷରେ ବାର୍ଷିକ ପ୍ରକଳ୍ପର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ସମସ୍ତ କର୍ମକର୍ତ୍ତାଙ୍କ ସାହାଯ୍ୟ ସହଯୋଗରେ ଇଂରାଜୀ ବିଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମଟି ସୁଚାରୁରୂପେ ସମ୍ପାଦିତ ହୋଇଥିଲା ।






Printed & Published by Budhadev Mohapatra on behaöf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Puböished at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray